● ମୁଣ୍ଡଫଟା ଖରା ସାଙ୍ଗକୁ ଗୁଳୁଗୁଳି /

# ଅଘୋଷିତ ବିଦ୍ୟୁତ୍ କାଟ୍; ଯନ୍ତ୍ରଣାରେ ଲୋକେ କଲବଲ

**ରାଉରକେଲା, ୨୮ ।୫(ସମିସ):** ରାଉରକେଲା ସହରରେ କିଛିଦିନ ହେବ ଅସହ୍ୟ ଗରମ ହେବା ସହ ପାରା ୪୪ ଡିଗ୍ରୀ ଉପରେ ରହୁଛି । ମୁଣ୍ଡଫଟା ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳିରେ ଜନସାଧାରଣ ଅତିଷ୍ଠ ହୋଇ ପଡ଼ିଥିବା ବେଳେ ଅଘୋଷିତ ବିଦ୍ୟୁତ୍ କାଟ୍ ଲୋକଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି । ଅଘୋଷିତ ଏବଂ ଘୋଷିତ ବିଦ୍ୟୁତ କାଟ୍ ଯୋଗୁଁ ଲୋକେ ଯନ୍ତ୍ରଣାରେ କଲବଲ ହେଉଛନ୍ତି ।

କ୍ରମବର୍ଦ୍ଧିଷ୍ଣୁ ଗ୍ରୀଷ୍ମ ପ୍ରଖରତା ଯୋଗୁଁ ଏବେ ଅତିଷ୍ଠ ହେବାରେ ଲାଗିଛି ସାଧାରଣ ଜୀବନଯାତ୍ରା । ପାରା ଏବେ ପ୍ରାୟ ୪୪ରୁ ୪୫ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହୁଛି । ପୂର୍ବାହ୍ନ ୮ଟା ବେଳକୁ ବି ଘରୁ ବାହାରିବା ଅସମ୍ଭବ ହୋଇପଡୁଛି । ମୁଣ୍ଡ ଝାଇଁ ମାରିବା ସହ ମୁହଁ ଓ ଆଖି ପୋଡ଼ିବାରେ ଲାଗୁଛି । ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ମଧ୍ୟରେ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ଯୋଗୁଁ ଏହି ସମୟରେ ଘରୁ ବାହାରିବା ଆଦୌ ଉଚିତ ନୁହେଁ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି । ଆସନ୍ତା କିଛିଦିନ ପର୍ଯ୍ୟନ୍ତ ଏପରି ଗ୍ରୀଷ୍ମପ୍ରବାହ ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଅନ୍ୟପକ୍ଷରେ ପ୍ରବଳ ଗରମ ଓ ଗୁଳୁଗୁଳି ସାଙ୍ଗକୁ ଘୋଷିତ ତଥା ଅଘୋଷିତ ବିଦ୍ୟୁତ କାଟ୍ ଲୋକଙ୍କ ସମସ୍ୟାକୁ ବଢ଼ାଇଦେଇଛି । ସହରରେ ଗତ କିଛିଦିନ ହେବ ଅଘୋଷିତ ବିଦ୍ୟୁତ କାଟ୍ ଲୋକଙ୍କୁ ନାକେଦମ କରିଦେଇଛି । ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ ନ ରହିବା ଏବଂ ଅଘୋଷିତ ବିଦ୍ୟୁତ କାଟ ହେବା ଯୋଗୁଁ ସହରବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଘନ ଘନ ବିଦ୍ୟୁତ କାଟ ଯୋଗୁଁ ଲୋକମାନେ ଛଟପଟ ହେଉଛନ୍ତି । ବିଶେଷ କରି ଲାଇନ ନ ରହିବା ଦ୍ୱାରା ଅଧିକାଂଶ ମୋବାଇଲ ଟାୱାରର ନେଟୱାର୍କ ମଧ୍ୟ ରହୁନାହିଁ । କେତେବେଳେ ଟ୍ରାନ୍ସଫର୍ମର ମରାମତି ତ ଆଉ କେତେବେଳେ ମେଣ୍ଟେନାନ୍ସ ଦର୍ଶାଇ ବିଦ୍ୟୁତ୍ କାଟ୍ କରାଯାଉଛି । ବାସନ୍ତୀ କଲୋନୀ, ଉଦିତନଗର, ପାୱାର ହାଉସ ରୋଡ୍, ଡେଲି ମାର୍କେଟ, ମାଲଗୋଦାମ, ମଧୁସୂଦନପାଲି, ଗୋପବନ୍ଧୁପାଲି, ଗଙ୍ଗାଧରପାଲି, ଲେବର ଟେନାମେଣ୍ଟ, ଛେଣ୍ଡ, କଳିଙ୍ଗ ବିହାର, ଦକ୍ଷିଣ ରାଉରକେଲା ସମେତ ସେକ୍ଟର ଅଞ୍ଚଳ ବାସିନ୍ଦା ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅପରପକ୍ଷେ ଲୋକମାନେ ଠିକ୍ ସମୟରେ ବିଦ୍ୟୁତ୍ ଦେୟ ଦେବା ସତ୍ତ୍ୱେ ଉତ୍ତମ ବିଦ୍ୟୁତ୍ ଯୋଗାଣରେ ଢିଲା କ'ଣ ପାଇଁ ହେଉଛି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି ।

# ଅଭିଯୋଗକାରିଣୀଙ୍କୁ ପୁଲିସ କର୍ମଚାରୀଙ୍କ ଦୁର୍ବ୍ୟବହାର

**ରାଉରକେଲା, ୨୮ ।୫(ସମିସ)**



ପାରିବାରିକ କଳହ ଓ ମାରପିଟ୍ ଅଭିଯୋଗ କରିବାକୁ ଉଦିତନଗର ଥାନାକୁ ଯାଇଥିବା ଜଣେ ମହିଳାଙ୍କୁ ଥାନାର ମହିଳା ପୁଲିସ କର୍ମଚାରୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ଏନେଇ ଏସପି ବ୍ରିଜେଶ ରାଏଙ୍କ ନିକଟରେ ଅଭିଯୋଗ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି ।

ଅଭିଯୋଗ ମୁତାବକ, ଉକ୍ତ ଥାନା ଅନ୍ତର୍ଗତ କୁମ୍ଭାରପଡ଼ା ବସ୍ତି ସନ୍ତୋଷୀ ମନ୍ଦିର ନିକଟରେ ଦୀପକ ପରମାଣିକ ଓ ତାଙ୍କ ସ୍ତ୍ରୀ ଜୟନ୍ତୀ ପରମାଣିକ ରୁହନ୍ତି । ଗତ କିଛିଦିନରୁ ନିକଟରେ ରହୁଥିବା ସମ୍ପର୍କୀୟମାନଙ୍କ ମଧ୍ୟରେ ସେମାନଙ୍କ କଳହ ଲାଗି ରହିଥିଲା । ସୋମବାର ଏହି କଳହକୁ ନେଇ ସମ୍ପର୍କୀୟମାନେ ଜୟନ୍ତୀଙ୍କୁ ଗାଳିଗୁଲଜ କରି ମାଡ଼ ମାରିଥିଲେ । ଏ ନେଇ ଜୟନ୍ତୀ ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ । ମାତ୍ର ସେଠାରେ ଅଭିଯୋଗକୁ ଫେରାଇ ନେବାକୁ ପୁଲିସ କହିଥିଲା । ଜୟନ୍ତୀ ଏଥିରେ ରାଜି ନ ହେବାରୁ ମହିଳା ପୁଲିସ କର୍ମଚାରୀ ତାଙ୍କୁ ଦୁର୍ବ୍ୟବହାର କରିଥିଲେ । ଏ ନେଇ ମଙ୍ଗଳବାର ଜୟନ୍ତୀଙ୍କ ସମେତ ସ୍ଥାନୀୟ ଲୋକେ ଏସପିଙ୍କୁ ଭେଟି ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ଏସପି ଘଟଣାର ତଦନ୍ତ କରିବାକୁ ଡିଏସପି ନିର୍ମଳ ମହାପାତ୍ରଙ୍କୁ ଦାୟିତ୍ୱ ଦେଇଛନ୍ତି ।

ମାଟ୍ରିକ ପରୀକ୍ଷା

# ଆର୍‌ଏସ୍‌ପି ନିଃଶୁଳ୍କ ବିଦ୍ୟାଳୟର ଶତ ପ୍ରତିଶତ ସଫଳତା

**ରାଉରକେଲା, ୨୮ ।୫(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଆରଏସପି ଦ୍ୱାରା ସ୍ଥାପିତ ତଥା ଦୀପିକା ମହିଳା ସଂଘତି ଦ୍ୱାରା ପରିଚାଳିତ ଇସ୍ପାତ ସହରର ବଞ୍ଚିତ ଶ୍ରେଣୀର ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ନିଃଶୁଳ୍କ ବିଦ୍ୟାଳୟ ଦୀପିକା ଇସ୍ପାତ ଶିକ୍ଷାସଦନ ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରି ରେକର୍ଡ କରିଛନ୍ତି । ମୋଟ ୩୯ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୧୫ ଜଣ ୬୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି । ରୋହିତ କୁମାର ଭୋଳ ୮୧ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି । 'ମୋର ସ୍ୱପ୍ନକୁ ବାସ୍ତବ ରୂପ ଦେବା ନିମନ୍ତେ ମୁଁ ମୋ ସ୍କୁଲ ନିକଟରେ କୃତଜ୍ଞ' ବୋଲି ରୋହିତ କହିବା ସହ ତାଙ୍କ ସଫଳତାର ଶ୍ରେୟ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଏବଂ ଆରଏସପି ଦ୍ୱାରା ପ୍ରଦତ୍ତ ସୁବିଧାକୁ ଦେଇଛନ୍ତି । ଭବିଷ୍ୟତରେ ରୋହିତ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହେବାକୁ ଲକ୍ଷ୍ୟ ରଖିଛନ୍ତି । ସେ ଆକାଉଣ୍ଟାନ୍ସି ଏବଂ ବିଜନେସ୍ ଫାଇନାନ୍ସ ଶିଖିବାକୁ ଆଗ୍ରହୀ ଏବଂ ତାଙ୍କର ଉଚ୍ଚ ମାଧ୍ୟମିକ ଅଧ୍ୟୟନ ପାଇଁ ବାଣିଜ୍ୟ ଷ୍ଟ୍ରିମରେ ଆଡମିଶନ କରିବାକୁ ଯୋଜନା କରୁଛନ୍ତି ।



ସେହିପରି ବିଦ୍ୟାଳୟର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ହାସଲ କରିଥିବା ସସ୍ମିତା ସାହୁ, ନନ୍ଦିନୀ କୁମାରୀ ରଜକ ଏବଂ ସାନିଆ ମୁଖୀ ମଧ୍ୟ ରୋହିତଙ୍କ ଅନୁରୂପ ମତଦେଇ ବିଦ୍ୟାଳୟ ପ୍ରଶାସନ ତଥା ଶିକ୍ଷକଶିକ୍ଷୟିତ୍ରୀଙ୍କ ମାର୍ଗଦର୍ଶନକୁ କୃତଜ୍ଞତା ଜଣାନ୍ତି । ୮୦ ପ୍ରତିଶତ ନମ୍ବର ରଖିଥିବା ସସ୍ମିତା ସାହୁ କୁହନ୍ତି 'ବିଦ୍ୟାଳୟର ସ୍ୱତନ୍ତ୍ର କ୍ଲାସ୍ ମତେ ଭଲ ପ୍ରଦର୍ଶନ କରିବାରେ ସାହାଯ୍ୟ କରିଛି । ତାଙ୍କ ପିତା ଜଣେ ହୋମଗାର୍ଡ ଏବଂ ସେ ପରିବାରର ୪ ଭଉଣୀଙ୍କ ମଧ୍ୟରେ ସାନ । 'ବିଦ୍ୟାଳୟର ସମର୍ଥନ ବିନା ମୋ ଅଧ୍ୟୟନ ସମାପ୍ତ କରିବା ସମ୍ଭବ ହୋଇ ନ ଥାନ୍ତା' ବୋଲି ସେ କହିଛନ୍ତି । ଏକାକୀ ଅଭିଭାବକ ମା'ଙ୍କ ଲଣ୍ଡ୍ରୀ ବ୍ୟବସାୟ ଦ୍ୱାରା ୫ ଜଣିଆ ପରିବାର ପ୍ରତିପୋଷଣ କରୁଥିବା ପରିବାରରୁ ଆସିଥିବା ନନ୍ଦିନୀ କୁମାରୀ ରଜକଙ୍କ ପାଇଁ ତାଙ୍କ ପାଠପଢ଼ା ଜାରି ରଖିବା ଏକ ଚ୍ୟାଲେଞ୍ଜ ଥିଲା । ତେବେ ସମସ୍ତ ଅସୁବିଧାର ସମ୍ମୁଖୀନ ହୋଇ ସେ ପରୀକ୍ଷାରେ ୭୯ ପ୍ରତିଶତ ନମ୍ବର ରଖି ନିଜ ମା'ଙ୍କୁ ଗର୍ବିତ କରିଛନ୍ତି । 'ଆମର ସମସ୍ତ ଅଧ୍ୟୟନ ଆବଶ୍ୟକତାର ଯତ୍ନ ନେଇଥିବାରୁ ବିଦ୍ୟାଳୟକୁ ଅଶେଷ ଧନ୍ୟବାଦ । ମୋ ସାନ ଭଉଣୀ ମଧ୍ୟ ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଛି ବୋଲି କହି ବିଦ୍ୟାଳୟ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି ନନ୍ଦିନୀ ।



ରୋହିତ କୁମାର ଭୋଳ



ସସ୍ମିତା ସାହୁ



ନନ୍ଦିନୀ କୁମାରୀ ରଜକ

୨୦୦୭ରେ ଦୀପିକା ଇସ୍ପାତ ଶିକ୍ଷା ସଦନ ପ୍ରତିଷ୍ଠିତ ହୋଇଥିଲା । ଏହାର ପ୍ରଥମ ବ୍ୟାଚ୍ ଛାତ୍ରଛାତ୍ରୀ ୨୦୧୬ରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଦିଆଯାଉଥିବା ସୁବିଧା ରାଉରକେଲାର ଯେକୌଣସି ମାନକ ବିଦ୍ୟାଳୟ ସହିତ ସମାନ । ଏଠାରେ ପଢୁଥିବା ପିଲାମାନଙ୍କୁ ନା କେବଳ ମାଗଣା ଶିକ୍ଷା ଦିଆଯାଉଛି ବରଂ ୟୁନିଫର୍ମ, ଶୀତକାଳୀନ ପୋଷାକ, ସ୍କୁଲ ଜୋତା, ବ୍ୟାଗ ଏବଂ ଅନ୍ୟ ସାମଗ୍ରୀ ତଥା ବିଶୁଦ୍ଧ ପାନୀୟ ଜଳ ଏବଂ ଉପଯୁକ୍ତ ପରିମଳ ବ୍ୟବସ୍ଥା ମଧ୍ୟ ଯୋଗାଇ ଦିଆଯାଉଛି । ବିଦ୍ୟାଳୟରେ ଶିକ୍ଷାଗତ ଯୋଗ୍ୟତା ଏବଂ ଶିକ୍ଷାର ଗୁଣବତ୍ତା ବଢ଼ାଇବା ପାଇଁ ଆବଶ୍ୟକତା ଅନୁଯାୟୀ ନୂତନ ସୁବିଧାମାନ ଯୋଗାଇ ଦିଆଯାଉଥିବା ଜଣାପଡ଼ିଛି ।

# ପରିବା ବେପାରୀଙ୍କ ମୋବାଇଲ ଲୁଟ୍; ଅଭିଯୁକ୍ତ ଗିରଫ

**ରାଉରକେଲା, ୨୮ ।୫(ସମିସ):** ଜନଗହଳିପୂର୍ଣ୍ଣ ସ୍ଥାନରୁ ଜଣେ ପରିବା ବେପାରୀଙ୍କ ମୋବାଇଲ ଲୁଟ୍ ହେବାର କିଛି ସମୟ ମଧ୍ୟରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି । ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ପୁରୁଣା ଥାନା ପଛ ନିକଟ ବଜାରରେ ଏହି ଘଟଣା ଘଟିଛି । ସିନେମାଟୋଲିଠାରେ ପରିବା ବେପାରୀ ଗୀତା ମିଞ୍ଜ ରୁହନ୍ତି । ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ୯ଟାରେ ସେ ଚାଲି ଚାଲି ଅନ୍ୟମାନଙ୍କ ସହ ନିକଟସ୍ଥ ବଜାରକୁ ଆସୁଥିଲେ । ହଠାତ୍ ଜଣେ ଦୁର୍ବୃତ୍ତ ଆସି ତାଙ୍କ ମୋବାଇଲ ଲୁଟ୍ କରି ଫେରାର ହୋଇଯାଇଥିଲେ । ଏନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ମାମଲା ରୁଜୁ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା । ଏହି ଘଟଣାରେ ସମ୍ପୃକ୍ତ ସେକ୍ଟର-ବି ଅଞ୍ଚଳର ଆଲୋକ ଲୁହୁରା (୨୧)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ତାଙ୍କଠାରୁ ଲୁଟ୍ ମୋବାଇଲ ଜବତ କରାଯାଇଥିବା ଇନ୍ସପେକ୍ଟର ଅଶୋକ କୁମାର ଦାଶ ସୂଚନା ଦେଇଛନ୍ତି । ଅପରପକ୍ଷେ ପୁଲିସର ଏହି ତୁରନ୍ତ ପଦକ୍ଷେପକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି ।

# ଅବାଧ ପାର୍କିଂ ଯୋଗୁଁ ଗୁରୁତର ଟ୍ରାଫିକ ସମସ୍ୟା





**ବଣାଇଁ, ୨୮ ।୫(ସମିସ):** ଦିନବେଳା ହେଉ କି ସନ୍ଧ୍ୟା, ସବୁ ସମୟରେ ଦେଖାଯାଇଥାଏ ଟ୍ରାଫିକ ସମସ୍ୟା । ବଣାଇଁ ସହରର ମୁଖ୍ୟ ରାସ୍ତାଠାରୁ ମେଡିକାଲ ଦେଇ ଅଙ୍ଗନବାଡ଼ି କେନ୍ଦ୍ର ପର୍ଯ୍ୟନ୍ତ ରାସ୍ତା ଉପରେ ଉଭୟ ପାର୍ଶ୍ୱରେ ଅବାଧ ପାର୍କିଂ ଯୋଗୁଁ ଅନେକ ସମୟରେ ଟ୍ରାଫିକ ସମସ୍ୟା ହେଉଥିବା ଦେଖିବାକୁ ମିଳିଛି । ଅଧିକାଂଶ ସମୟରେ ରାସ୍ତା ଜାମ୍ ହେଉଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗୋଟିଏ ପାର୍ଶ୍ୱରୁ ଚାରି ଚକିଆ ଗାଡ଼ିଟିଏ ଗଲେ ଅନ୍ୟ ପାର୍ଶ୍ୱରୁ ଗାଡ଼ି ଆସିବା କାଠିକର ପାଠ ହେଉଛି । ଫଳରେ ଡାକ୍ତରଖାନାରୁ ଦୈନନ୍ଦିନ ରୋଗୀମାନଙ୍କୁ ନେବା ଆଣିବା କରୁଥିବା ଆମ୍ବୁଲାନ୍ସଗୁଡିକ ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ରାସ୍ତା ଉପରେ ଅବାଧ ପାର୍କିଂ ଯୋଗୁଁ ରୋଗୀକୁ ଠିକ୍ ସମୟରେ ମେଡିକାଲ ପହଞ୍ଚାଇବାରେ ଅଯଥା ବିଳମ୍ବ ହେଉଛି । ଅସରାଏ ବର୍ଷା ହେଲେ ଅବସ୍ଥା ଆହୁରି ଜଟିଳ ହେଉଛି । ମେଡିକାଲ ସମ୍ମୁଖ ରାସ୍ତାରେ ପାଣି ଜମି ପୋଖରୀର ଭ୍ରମ ସୃଷ୍ଟି କରୁଛି । ବହୁ ସମୟ ଧରି ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଲୋକେ ଏହି ରାସ୍ତାରେ ଯିବା ଆସିବା କରିବାରେ ଅନେକ ହଇରାଣ ହେଉଛନ୍ତି । ଅଧିକାଂଶ ଦୋକାନୀ ରାସ୍ତାକୁ କବ୍‌ଜା କରି ନିଜ ପସରା ମେଲାଇ ଦେଇଥିବାବେଳେ ରାସ୍ତା ସଙ୍କୁଚିତ ହୋଇ ଏହି ସମସ୍ୟା ଦେଖା ଦେଉଥିବା ଅଭିଯୋଗ ହେଉଛି । ଏନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ପରିସ୍ଥିତିରେ କୌଣସି ପରିବର୍ତ୍ତନ ଦେଖାଯାଉନାହିଁ । ବଣାଇଁ ଅଞ୍ଚଳର ଅଧିକାଂଶ ଲୋକେ ଏହି ଡାକ୍ତରଖାନା ଉପରେ ନିର୍ଭର କରୁଥିବାରୁ ଅଧିକାଂଶ ସମୟରେ ରାସ୍ତା ଜାମ୍ ହେଉଥାଏ । କିନ୍ତୁ ଅବାଧ ପାର୍କିଂ ଯୋଗୁଁ ଏହି ରାସ୍ତାରେ ଯିବା ଆସିବା କରିବା ବଣାଇଁବାସୀଙ୍କ ପାଇଁ ଅଭିଶାପ ପାଲଟିଛି । ଏ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି । ଏ ଦିଗରେ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ବିଳମ୍ବ

# ଡିଆର୍‌ଏମ୍‌ଙ୍କୁ ରାଉରକେଲା ଓକିଲ ସଂଘର ସ୍ମାରକପତ୍ର

**ରାଉରକେଲା, ୨୮ ।୫(ସମିସ)**





ରାଉରକେଲାରୁ ଏବଂ ରାଉରକେଲା ଦେଇ ଯାତାୟାତ କରୁଥିବା ବିଭିନ୍ନ ଯାତ୍ରୀବାହୀ ଟ୍ରେନ୍ ଚଳାଚଳରେ ଅହେତୁକ ବିଳମ୍ବ ହେଉଥିବାରୁ ରାଉରକେଲା ଓକିଲ ସଂଘ ପକ୍ଷରୁ ଉଦବେଗ ପ୍ରକାଶ କରାଯାଇଛି । ଏହାର ପ୍ରତିକାର ଦାବିରେ ଡିଆରଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ରାଉରକେଲା ତଥା ସୁନ୍ଦରଗଡ଼ ଜିଲ୍ଲାର ଜନସାଧାରଣ ନିର୍ଭର କରୁଥିବା ଯାତ୍ରୀବାହୀ ଟ୍ରେନ୍ ଯଥା ତପସ୍ୱିନୀ ଏକ୍ସପ୍ରେସ, ରାଜ୍ୟରାଣୀ ଏକ୍ସପ୍ରେସ, ଭୁବନେଶ୍ୱର-ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ, ସମଲେଶ୍ୱରୀ ଏକ୍ସପ୍ରେସର ଯାତାୟାତରେ ଗତ କିଛିଦିନ ହେବ ଅହେତୁକ ବିଳମ୍ବ ଯୋଗୁଁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ରାଉରକେଲାରେ ରାତି ୯ଟାରେ ପହଞ୍ଚିବା ବଦଳରେ ଅଧିକାଂଶ ଦିନ ରାତି ପ୍ରାୟ ୧୧ଟାରେ ପହଞ୍ଚୁଛି । ଦୁଇଦିନ ପୂର୍ବେ ଏହି ଟ୍ରେନ୍ ରାତି ୧୨ଟାରେ ପହଞ୍ଚିଥିଲା । ପାନପୋଷ ଓ କଳୁଙ୍ଗା ଷ୍ଟେସନରେ ଘଣ୍ଟା ଘଣ୍ଟା ଧରି ଟ୍ରେନ୍‌କୁ ଠିଆ କରାଇ ମାଲବାହୀ ଟ୍ରେନଗୁଡ଼ିକୁ ଛଡ଼ାଯାଉଛି । ରେଳବାଇ କର୍ତ୍ତୃପକ୍ଷଙ୍କ ନିକଟରେ ସାଧାରଣ ଲୋକଙ୍କ ମୂଲ୍ୟ କିଛି ନାହିଁ ବୋଲି ପରିଲକ୍ଷିତ ହେଉଛି । ରାତି ୧୨ଟାରେ ଷ୍ଟେସନରେ ପହଞ୍ଚିବା ଯୋଗୁଁ ଅଟୋ ଭଡ଼ାରେ ଅଧିକ ଖର୍ଚ୍ଚାନ୍ତ ହୋଇ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ବିଶେଷକରି ବର୍ତ୍ତମାନ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଟ୍ରେନ ଚଳାଚଳରେ ବିଳମ୍ବ ଯୋଗୁଁ ଜନସାଧାରଣ, ବିଶେଷକରି ମହିଳା, ଶିଶୁଙ୍କ ଅବସ୍ଥା ଦୟନୀୟ ହୋଇପଡୁଛି । ରାଉରକେଲାର ଜନସାଧାରଣ ଭୁବନେଶ୍ୱର, କଟକ, ବ୍ରହ୍ମପୁର, କୋଲକାତାକୁ ଅଧିକାଂଶ ସମୟରେ ଯାତାୟାତ କରୁଥିବା ବେଳେ ଉପରୋକ୍ତ ଟ୍ରେନ୍‌ଗୁଡ଼ିକ ବିଳମ୍ବ ଏକ ନିତିଦିନିଆ ଘଟଣା ହୋଇଛି । ରେଳବାଇ କର୍ତ୍ତୃପକ୍ଷ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ରାଉରକେଲା ଓକିଲ ସଂଘ ପକ୍ଷରୁ ଦାବି କରାଯାଇଛି । ସୋମବାର ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ରାଉରକେଲା ଓକିଲ ସଂଘର ସାଧାରଣ ପରିଷଦ ବୈଠକର ସଭ୍ୟମାନେ ବିଶେଷ ଉଦବେଗ ପ୍ରକାଶ କରିଥିବା ବେଳେ ମଙ୍ଗଳବାର ସଂଘର ଏକ ପ୍ରତିନିଧି ଦଳ ରାଉରକେଲା ଷ୍ଟେସନ ମ୍ୟାନେଜରଙ୍କୁ ସାକ୍ଷାତ କରି ଜନଗଣଙ୍କ ପ୍ରତିଦିନର ଏହି ସମସ୍ୟା ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିବା ସହ ଡିଆରଏମଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ । ସାଧାରଣ ରେଳ ଯାତ୍ରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏ ଦିଗରେ ଗୁରୁତ୍ୱର ସହିତ ପଦକ୍ଷେପ ନେବାକୁ ଦାବି କରିଥିଲେ । ରାଉରକେଲା ଓକିଲ ସଂଘ ପ୍ରତିନିଧି ଦଳରେ ସଭାପତି ସଦାନନ୍ଦ ସାହୁ, ଉପସଭାପତି ରାଜକିଶୋର ପ୍ରଧାନ, ସହସମ୍ପାଦିକା ଅଞ୍ଜନା ଗହୀର, କାର୍ଯ୍ୟକାରୀ କମିଟି ସଦସ୍ୟ ଉଦୟ ଲାକ୍ରା, ବିଦ୍ୟାନନ୍ଦ ପ୍ରଧାନ, ମାଧବ ନାୟକ, ସୁରେଶ ପ୍ରସାଦ, ଭାଗବତ ପ୍ରସାଦ ସାହୁ, ନାଗେଶ୍ୱର ଜଗଦଲା, ପ୍ରତୀକ କୁମାର ସିଂହ, ସତ୍ୟଧାନ ଭଗତ ପ୍ରମୁଖ ସାମିଲ ଥିଲେ ।

# ଆଭା ଅନ୍ୱେଷାର କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ

**ରାଉରକେଲା, ୨୮ ।୫(ସମିସ):** ଚଳିତ ବର୍ଷ ରାଉରକେଲା ବିଶ୍ରା ବ୍ଲକର ସରକାରୀ ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରି ଶିକ୍ଷା ଜିଲ୍ଲାର ପ୍ରଶଂସାର ପାତ୍ର ହୋଇଛନ୍ତି । ଏହି ସଫଳତା ପାଇଁ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ତଥା ଅଭିଭାବକ ଓ ଆଭା ଅନ୍ୱେଷାର ସଭାପତି ଆର୍ତ୍ତତ୍ରାଣ ଜେନାଙ୍କ ସମେତ ଅନୁଷ୍ଠାନ ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରାଯାଇଛି । ଆଗାମୀ ଦିନରେ ଛାତ୍ରଛାତ୍ରୀମାନେ ନିଷ୍ଠାର ସହ ପରିଶ୍ରମ କଲେ ନିଶ୍ଚୟ ସଫଳତାର ଶୀର୍ଷରେ ପହଞ୍ଚିପାରିବେ ବୋଲି ସଭାପତି ଜେନା ଆଶାବ୍ୟକ୍ତ କରିଛନ୍ତି ।






# ଇସ୍ପାତ ବିଦ୍ୟା ମନ୍ଦିରର ଶତପ୍ରତିଶତ ଫଳାଫଳ


ବିଭୁପ୍ରସାଦ ଦାଶ


ବିଷ୍ଣୁପ୍ରସାଦ ଦାଶ


ବିଷ୍ଣୁପ୍ରିୟା ସ୍ୱାଇଁ


ମଧୁସ୍ମିତା ଗୌଡ଼


ପ୍ରଦୀପ୍ତ ଚନ୍ଦ୍ର ଗିରି


ପ୍ରତୀକ ପଣ୍ଡା


ପ୍ରିୟଙ୍କା ସ୍ୱାଇଁ


ସବିତା ଟିଗ୍‌ଗା


ସୁଧାଂଶୁବାଳା ସାହୁ

**ରାଉରକେଲା, ୨୮ ।୫(ସମିସ)**

ଆର୍‌ଏସ୍‌ପିର ଇସ୍ପାତ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦ୍ୱାଦଶ ପରୀକ୍ଷା-୨୦୨୪ କଳା, ବିଜ୍ଞାନ ଏବଂ ବାଣିଜ୍ୟ ଷ୍ଟ୍ରିମରେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। କଳାରେ ମୋଟ ୧୨୨ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ମଧୁସ୍ମିତା ଗୌଡ଼ ୮୬.୧୬ ପ୍ରତିଶତ ନମ୍ବର ସହିତ ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସବିତା ଟିଗଗା ୮୩.୫୦ ପ୍ରତିଶତ ନମ୍ବର ସହ ଦ୍ୱିତୀୟ, ବିଷ୍ଣୁ ପ୍ରସାଦ ଦାଶ ୮୧.୬୬ ପ୍ରତିଶତ ନମ୍ବର ସହ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ବିଜ୍ଞାନରେ ପ୍ରଦୀପ ଚନ୍ଦ୍ର ଗିରି, ବିଷ୍ଣୁପ୍ରିୟା ସ୍ୱାଇଁ ଏବଂ ପ୍ରିୟଙ୍କା ସ୍ୱାଇଁ ଯଥାକ୍ରମେ ୮୬.୩୩ ପ୍ରତିଶତ, ୮୨.୧୬ ପ୍ରତିଶତ ଏବଂ ୮୧.୬୬ ପ୍ରତିଶତ ନମ୍ବର ରଖି ପ୍ରଥମ ତିନି ସ୍ଥାନ ହାସଲ କରିଛନ୍ତି। ମୋଟ ୧୧୩ ଛାତ୍ରଛାତ୍ରୀ ବିଜ୍ଞାନ ଷ୍ଟ୍ରିମ୍‌ରେ ପରୀକ୍ଷା ଦେଇଥିଲେ। ବାଣିଜ୍ୟ ଷ୍ଟ୍ରିମରେ ପରୀକ୍ଷା ଦେଇଥିବା ୬୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସୁଧାଂଶୁବାଳା ସାହୁ ୯୦.୮୩ ପ୍ରତିଶତ ନମ୍ବର ସହ ଶୀର୍ଷରେ ରହିଛନ୍ତି। ପ୍ରତୀକ ପଣ୍ଡା ୮୮ ପ୍ରତିଶତ ନମ୍ବର ସହ ଦ୍ୱିତୀୟ ଏବଂ ବିଭୁ ପ୍ରସାଦ ଦାଶ ୮୬ ପ୍ରତିଶତ ନମ୍ବର ସହ ତୃତୀୟ ସ୍ଥାନ ଲାଭ କରିଛନ୍ତି।

- ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ ମାମଲାର ଭିନ୍ନ ମୋଡ଼

## ତିନି ମାସ ପରେ ହତ୍ୟା ମାମଲା ରୁଜୁ

**ସୁନ୍ଦରଗଡ଼, ୨୮ ।୫(ସମିସ):** ୨୦୨୪ ମାର୍ଚ୍ଚ ୨ରେ ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ଆରଆରଆଇଟି କଲୋନୀରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲା ଏବେ ଭିନ୍ନ ମୋଡ଼ ନେଇଛି। ଉଚ୍ଚ ନ୍ୟାୟାଳୟଙ୍କ ଛାଟ ପରେ ମୃତକ ଅଲୋକ ପଟେଲ (୨୯)ଙ୍କ ବାପା ହିମାଂଶୁ ପଟେଲଙ୍କ ଏତଲା କ୍ରମେ ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।୨୦୨୨ରେ ହେମଗିରି ଥାନା ଅନ୍ତର୍ଗତ କନକତୁରା ଗ୍ରାମର ହିମାଂଶୁଙ୍କ ପୁଅ ଅଲୋକ କିରେଇ ଗ୍ରାମରେ ବିବାହ କରିଥିଲେ। ହିମାଂଶୁ ଟାଟା ପାୱାର ସଂସ୍ଥାରେ ବିଦ୍ୟୁତ ବିଲ୍ ସଂଗ୍ରହ କାମ କରୁଥିବା ବେଳେ ସେ ତାଙ୍କ ସ୍ତ୍ରୀ ଓ ନବଜାତ ଶିଶୁକନ୍ୟା ସହ ସୁନ୍ଦରଗଡ଼ ଆରଆରଆଇଟି କଲୋନୀରେ ଭଡ଼ା ଘରେ ରହି ଆସୁଥିଲେ। ମାର୍ଚ୍ଚ ୨ ତାରିଖ ରାତି ପ୍ରାୟ ଅଢ଼େଇଟାରେ ଆଲୋକଙ୍କ ସ୍ତ୍ରୀ ତାଙ୍କୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ନେଇଥିଲେ। ଡାକ୍ତର ପରୀକ୍ଷା ନିରୀକ୍ଷା କରି ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଙ୍କ ସୂଚନା ଆଧାରରେ ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଥିଲା। ଡାକ୍ତର ତାଙ୍କ ବ୍ୟବଚ୍ଛେଦ ରିପୋର୍ଟରେ ମୃତ୍ୟୁର କାରଣ ସ୍ପଷ୍ଟ ନ କରି ଭିସେରା ପାଇଁ ସୁପାରିସ କରିଥିବା ବେଳେ ଅଦ୍ୟାବଧି ଭିସେରା ରିପୋର୍ଟ ଆସି ନାହିଁ। ଅନ୍ୟପଟେ ଆଲୋକଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପା ହିମାଂଶୁ ଅଭିଯୋଗ ଆଣି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ କ୍ରମେ ପୁଲିସ ହତ୍ୟା ମାମଲା ରୁଜୁ କରି ପୁନର୍ବାର ତଦନ୍ତ ଆରମ୍ଭ କରିଛି।

## ଘରୁ ୨ ବାଇକ ଚୋରି


**ସୁନ୍ଦରଗଡ଼, ୨୮ ।୫(ସମିସ):** ତଲସରା ଥାନା ଅନ୍ତର୍ଗତ ସବଡେଗା ଗ୍ରାମର କିଶୋର କୁମାର ପଟେଲଙ୍କ ଘର ଭିତରୁ ୨ଟି ବାଇକ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୋମବାର ରାତିରେ କେହି ଦୁର୍ବୃତ୍ତ ତାଙ୍କ ଘରେ ପଶି ଓଡି୧୬-ଏଲ୭୪୪୦ ଏବଂ ଓଡି୧୬-ପି୦୦୬୦ ନମ୍ବର ବିଶିଷ୍ଟ ବାଇକ୍ ଚୋରାଇ ନେଇଛନ୍ତି। କିଶୋର ଏ ନେଇ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

INDIA'S FIRST AND BEST SKILL UNIVERSITY
Centurion UNIVERSITY
SCHOOL OF PHARMACY & ALLIED HEALTH SCIENCES
A+ NAAC
DIRECT ADMISSION 2024/25
B.PHARM | D.PHARM
B.PHARM (L.E.) | DMLT | CBCA
Lateral Entry
Approved by Pharmacy Council of India, New Delhi
Own University Examination
B.Sc. NURSING 4 Years
G.N.M 3 Years
Approved by ONMRC, DMET, BBSR (Odisha)
Eligibility: As per Indian Nursing Council
BSc (N) - 45% aggregate in Physics, Chemistry & Biology in 10+2 or equivalent
GNM - 40% in 10+2 or equivalent (Arts/Science/Commerce)
CENTURION UNIVERSITY, BALANGIR CAMPUS
8455816617
For more information www.cutm.ac.in www.cutmbol.com
CENTURION CAMPUS, IDCO LAND, BEHIND NEW BUS STAND, RAJIB NAGAR, BALANGIR

TOUCHING THE HEIGHT OF EXCELLENCE



Score 91%
Mark: 544
Sunil Ku Sahu
2nd District Topper 2024
ଦଶମ ଶ୍ରେଣୀରେ ୬୨% ରଖିଥିବା ଛାତ୍ର
କଳାହାଣ୍ଡିର ସମସ୍ତ ୯୦% ଛାତ୍ରଙ୍କୁ ପଛରେ ପକାଇ
+୨ ବିଜ୍ଞାନରେ ଜିଲ୍ଲାରେ ୯୧% ରଖି ୨ୟ ସ୍ଥାନ




Result 100%
Exam Appeared-110
1st Division- 96
2nd Division- 14
3rd Division- 0

ADMISSION OPEN
BSE, CBSE, +2 SC
Shri education Academy
A group of Institutions
Tujung, M.Rampur, Kalahandi, Cont. 7008683059, 9078067624, 7894697331, 9337675306

**'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ମାଟ୍ରିକ ଉତ୍କର୍ଷ ସମ୍ମାନ ଆଜି**

# ସମ୍ବର୍ଦ୍ଧିତ ହେବେ ସୁନ୍ଦରଗଡ଼ ଜିଲ୍ଲାର ୨୪ ମେଧାବୀ

ସୁନ୍ଦରଗଡ଼, ୨୮ ।୫(ସମିସ)

'ସକାଳ' ଓ 'ନନ୍ଦିଘୋଷ ଟିଭି' ପରିବାର ପକ୍ଷରୁ ବୁଧବାର ପୂର୍ବାହ୍ନରେ ପଶ୍ଚିମ ଓଡ଼ିଶାର ସମସ୍ତ ମାଟ୍ରିକ ଜିଲ୍ଲା ଏବଂ ବ୍ଲକ ଟପ୍ପର ଛାତ୍ରଛାତ୍ରୀଙ୍କୁ ସମ୍ବଲପୁର ଅଇଁଠାପାଲିସ୍ଥିତ ଡଲଫିନ ହୋଟେଲରେ ମାଟ୍ରିକ ଉତ୍କର୍ଷ ସମ୍ମାନ-୨୦୨୪ ପ୍ରଦାନ କରାଯିବ । ଏହି ଅବସରରେ ସୁନ୍ଦରଗଡ଼ ଜିଲ୍ଲାରୁ ମୋଟ ୨୪ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା କାର୍ଯ୍ୟକ୍ରମ ରହିଛି । ଏଥିରେ ୯୨ ପ୍ରତିଶତ ମାର୍କ ରଖିଥିବା ସୁନ୍ଦରଗଡ଼ ମହାନଗର ନିଗମର ୭ ଛାତ୍ରଛାତ୍ରୀ ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟର ଅର୍ଚ୍ଚିତା ସାହୁ, ସେକ୍ଟର-୬ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନିବେଦିତା ନାଏକ, ହର୍ଷିତା ପଣ୍ଡା, ଶୁଭଶ୍ରୀ ଦାଶ, ପ୍ରଗତି ମିଶ୍ର, ଛେଣ୍ଡ ପବ୍ଲିକ ସ୍କୁଲର ସଂଘମିତ୍ରା ସାହୁ ଓ ବାଜି ରାଉତ ଶିକ୍ଷା ନିକେତନର ଅବିନାଶ ବାରିକ ରହିଛନ୍ତି । ସେହିପରି ହେମଗିରି ବ୍ଲକ ଟପ୍ପର ଭାବେ ଲୁଆବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟର ରୀକ୍ଷା ପ୍ରଧାନ, ଲେଫ୍ରିପଡ଼ା ବ୍ଲକ ଟପ୍ପର ଭାବେ ସୁର୍ଗୁଡା ସିପିଜିପି ଉଚ୍ଚ ବିଦ୍ୟାଳୟର ପ୍ରୀତମ ପ୍ରଧାନ, ଟାଙ୍ଗରପାଲି ବ୍ଲକ ଟପ୍ପର ଭାବେ ତେଲେନଡିହି ସରକାରୀ ଉଚ୍ଚ ବିଦ୍ୟାଳୟର ସ୍ମୃତିରେଖା ଗର୍ଡ଼ିଆ, ସୁନ୍ଦରଗଡ଼ ସଦର ବ୍ଲକ ଟପ୍ପର ଭାବେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆୟୁଷ ପଟେଲ, ବାଲିଶଙ୍କରା ବ୍ଲକ ଟପ୍ପର ଭାବେ କିଞ୍ଜିରକେଲା କୁଳମଣି ଉଚ୍ଚ ବିଦ୍ୟାଳୟର ରୋଶନୀ ତନ୍ତୀ, ସବଡେଗା ବ୍ଲକ ଟପ୍ପର ଭାବେ ଛତାସର୍ଗିପାଲି ବାଳିକା ଉଚ୍ଚ ବିଦ୍ୟାଳୟର କୁନ୍ତଳା ରୋହିଦାଶ, ବଡ଼ଗାଁ ବ୍ଲକ ଟପ୍ପର ଭାବେ ବରଙ୍ଗାକଛାର ସରକାରୀ ଉଚ୍ଚ ବିଦ୍ୟାଳୟର ଆଶ୍ରିତା ତୃପ୍ତିମୟୀ ଡାକୁଆ, କୁତ୍ରା ବ୍ଲକ ଟପ୍ପର ଭାବେ ତରକେରା ଉଚ୍ଚ ବିଦ୍ୟାଳୟର ସ୍ନେହା ସାହୁ, ରାଜଗାଙ୍ଗପୁର ବ୍ଲକ ଟପ୍ପର ଭାବେ କାଂଶବାହାଲ ଡିଏଭି ହାଇସ୍କୁଲର ଆକାଶ ବେଉରା, ନୂଆଗାଁ ବ୍ଲକ ଟପ୍ପର ଭାବେ ହାତୀବାରି ଉଚ୍ଚ ବିଦ୍ୟାଳୟର ଚନ୍ଦ୍ରିକା ରଣା, କୁଆଁରମୁଣ୍ଡା ବ୍ଲକ ଟପ୍ପର ଭାବେ ବରହାବାସ ୟୁଜିଏଚଏସର ରୋଜାଲିନ ବେହେରା, ବିଶ୍ରା ବ୍ଲକ ଟପ୍ପର ଭାବେ ଜଗଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସ୍ମୃତି ପଣ୍ଡା, ଲାଠିକଟା ବ୍ଲକ ଟପ୍ପର ଭାବେ ଦେଓକରନ ବିଦ୍ୟାପୀଠର ଗଣେଶ ତିର୍କୀ, କୋଇଡ଼ା ବ୍ଲକ ଟପ୍ପର ଭାବେ ବିମଳାଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର କାଞ୍ଚୁଲି ବେହେରା, ଲହୁଣୀପଡ଼ା ବ୍ଲକ ଟପ୍ପର ଭାବେ କଲେଇପୋଷ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ତୃପ୍ତିମୟୀ ମହାନ୍ତି, ବଣାଇଁ ବ୍ଲକ ଟପ୍ପର ଭାବେ ରୁଗଡ଼ା ଜନତା ହାଇସ୍କୁଲର କ୍ରିଷ୍ଟା ମୁଣ୍ଡା, ଗୁରୁଣ୍ଡିଆ ବ୍ଲକ ଟପ୍ପର ଭାବେ ଝାରବେଡ଼ା ଏସଏମଏଲଏଲ ହାଇସ୍କୁଲର ବର୍ଷାରାଣୀ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯିବ । ଏହି ସମ୍ମାନ ଗ୍ରହଣ ପାଇଁ ସମ୍ପୃକ୍ତ ମେଧାବୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି ।

**ବନ୍ଦ କୋଠରିରୁ ସଙ୍କଟାପନ୍ନ ଅବସ୍ଥାରେ ପ୍ରେମୀଯୁଗଳ ଉଦ୍ଧାର**

## ଚିକିତ୍ସାଧୀନ ଅବସ୍ଥାରେ ଦୁଇଜଣଙ୍କ ମୃତ୍ୟୁ

**ରାଉରକେଲା, ୨୮ ।୫(ସମିସ):** ବିଶ୍ରା ଥାନା ଅଞ୍ଚଳରେ ଏକ ବନ୍ଦ କୋଠରିରୁ ପୁଲିସ ଜଣେ ନାବାଳିକା ଓ ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିବାବେଳେ ବିଶ୍ରା ଡାକ୍ତରଖାନାରେ ନାବାଳିକାଙ୍କୁ ମୃତ ଘୋଷଣା କରାଯାଇଛି । ସେହିପରି ଅଧିକ ଚିକିତ୍ସା ପାଇଁ ଯୁବକଙ୍କୁ ଆରଜିଏଚ୍ ସ୍ଥାନାନ୍ତର କରାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ସୂଚନା ମୁତାବକ, ବିଶ୍ରା ଅଞ୍ଚଳର ସମ୍ପୃକ୍ତ ନାବାଳିକା ଏବଂ ଯୁବକ ତାଙ୍କ ଶୋଇବା ଘରେ ପଶି ଭିତର ପଟୁ ଦ୍ୱାର ବନ୍ଦ କରିଦେଇଥିଲେ । ତେବେ ପରିବାର ଲୋକେ କବାଟ ଭାଙ୍ଗି ଭିତରେ ପଶିବା ବେଳେ ଉଭୟଙ୍କୁ ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ପାଇଥିଲେ । ଉଭୟଙ୍କୁ ବିଶ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ନାବାଳିକାଙ୍କୁ ମୃତ ଘୋଷଣା କରିଥିଲେ । ଯୁବକଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା ନିଆଯାଇ ଚିକିତ୍ସା କରାଯାଇଥିଲା । ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଉଭୟ ବିଷପାନ କରିଥିବା କୁହାଯାଉଛି । ନାବାଳିକା ଓ ଯୁବକ ପରସ୍ପରକୁ ପ୍ରେମ କରୁଥିଲେ ବୋଲି ସୂଚନା ମିଳିଛି । ବିଶ୍ରା ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ଜୋନାଲ ଡିଏସପି ନିର୍ମଳ କୁମାର ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।


**ସେଲ୍ ଶ୍ରମିକ କର୍ମଚାରୀଙ୍କ ମଜୁରି ଚୁକ୍ତିନାମା ପୂର୍ଣ୍ଣାଙ୍ଗ କରିବା ଦାବି**

## ମିଳିତ ଶ୍ରମିକ ସଂଗଠନର ଗଣବିକ୍ଷୋଭ ୨୯ରେ

**ରାଉରକେଲା, ୨୮ ।୫(ସମିସ):** ସେଲ ଶ୍ରମିକ କର୍ମଚାରୀଙ୍କ ମଜୁରି ଚୁକ୍ତିନାମା ପୂର୍ଣ୍ଣାଙ୍ଗ କରିବା ଦାବିରେ ମିଳିତ ଶ୍ରମିକ ସଂଗଠନ ପକ୍ଷରୁ ବିଶ୍ରା ଛକରେ ବିରାଟ ଗଣବିକ୍ଷୋଭ ଆସନ୍ତା ୨୯ ତାରିଖ ଆୟୋଜିତ ହେବ । ମଙ୍ଗଳବାର ଅନୁଷ୍ଠିତ ମିଳିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ।

ସେଲ ଏବଂ ରାଉରକେଲା ଇସ୍ପାତ କାରଖାନାର ଶ୍ରମିକ କର୍ମଚାରୀମାନଙ୍କ ୩୯ ମାସର ଏରିଅର ପ୍ରଦାନ, ନାଇଟ ସିଫ୍ଟ ଅଲାଉନ୍ସ ବୃଦ୍ଧି, ଏସ-୧୨ ଓ ଏସ-୧୩ ଗ୍ରେଡ୍‌ର ପ୍ରଚଳନ, ୧୦ମ ବେତନ ଚୁକ୍ତିନାମାକୁ ଏନଜେସିଏସର ପୂର୍ଣ୍ଣାଙ୍ଗ ବୈଠକ କରି ଏମଓୟୁ ମାଧ୍ୟମରେ ସମ୍ପୂର୍ଣ୍ଣ କରିବା ପାଇଁ ରାଉରକେଲା ଶ୍ରମିକ ସଂଘ କାର୍ଯ୍ୟାଳୟରେ ମିଳିତ ଟ୍ରେଡ୍ ୟୁନିଅନ ମଞ୍ଚ ପକ୍ଷରୁ ମଙ୍ଗଳବାର ଏକ ବୈଠକ ହୋଇଥିଲା । ରାଉରକେଲା ଶ୍ରମିକ ସଂଘ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବସନ୍ତ ନାୟକ, ବିଷ୍ଣୁ ମହନ୍ତ, ପ୍ରମୋଦ ଦାସ, ଅଜିତ ନାୟକ, ରମେଶ ସାହୁ, ନୀଳକଣ୍ଠ ଦାସ ପ୍ରମୁଖ ଶ୍ରମିକ ନେତା ଯୋଗଦେଇ ସେଲ ମ୍ୟାନେଜେମେଣ୍ଟର କାଳକ୍ଷେପଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ସେଲର ଉତ୍ପାଦନ, ଉତ୍ପାଦକତାରେ ବୃଦ୍ଧି ଓ ୨୫୦୦ କୋଟିର ଆର୍ଥିକ ଲାଭ ସତ୍ତ୍ୱେ କର୍ମଚାରୀମାନଙ୍କ ବକେୟା ପାଉଣା ନ ଦେବା, ନାଇଟ ସିଫ୍ଟ ଭତ୍ତା ଓ ଘରଭଡ଼ା ବୃଦ୍ଧି ନ କରିବା ଓ ଏସ-୧୨ ଓ ଏସ-୧୩ର ପ୍ରଚଳନ ନ କରିବାକୁ କଠୋର ସମାଲୋଚନା କରିଥିଲେ । ଆଗାମୀ ୩୦ ତାରିଖ ଦିଲ୍ଲୀରେ ହେବାକୁ ଥିବା ଏନଜେସିଏସର ସବ କମିଟି ବୈଠକରେ ଏହିସବୁ ବିଷୟରେ ତୁରନ୍ତ ନିଷ୍ପତ୍ତି ନେଇ ପୂର୍ଣ୍ଣାଙ୍ଗ ଏନଜେସିଏସ ବୈଠକ ଡକାଇ ମଜୁରି ଚୁକ୍ତିନାମାର ଏମଓୟୁ କରାଇ ଏହାକୁ ସମ୍ପୂର୍ଣ୍ଣ କରିବାକୁ ଦୃଢ଼ ଦାବି କରାଯାଇଥିଲା । ଏଥିପାଇଁ ଆଗାମୀ ୨୯ ତାରିଖ ସକାଳ ୮ରୁ ୯ଟା ମଧ୍ୟରେ ବିଶ୍ରା ଛକରେ ଗଣବିକ୍ଷୋଭ ଅନୁଷ୍ଠିତ ହେବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି । ଏହକୁ ସଫଳ କରି ସେଲ ମ୍ୟାନେଜେମେଣ୍ଟ ଉପରେ ଚାପ ପ୍ରୟୋଗ କରିବାକୁ ମିଳିତ ଟ୍ରେଡ୍ ୟୁନିଅନ ପକ୍ଷରୁ ଆହ୍ୱାନ ଦିଆଯାଇଛି । ବୈଠକରେ ଦିଲୀପ ମହାପାତ୍ର, ଅକ୍ଷୟ ଜେନା, ନୀହାର ଦାସ, ବିକେ ଶେଖରଦେଓ, ରମେଶ ଦତ୍ତ, ଡି ନାୟକ, ରୁଦ୍ର ନାରାୟଣ, ସୌମ୍ୟକାନ୍ତ ଧଳ, ପ୍ରତାପ ପଣ୍ଡା, ବନ୍ଧୁ ଲାକ୍ରା, ସୁରେଶ କିସାନଙ୍କ ସମେତ ଶତାଧିକ ଆରଏସପି କର୍ମଚାରୀ ଯୋଗଦେଇ ନିଜର ମତବ୍ୟକ୍ତ କରିଥିଲେ ।

## ପାର୍କରେ ପଶୁପକ୍ଷୀଙ୍କୁ ଗ୍ରୀଷ୍ମ ପ୍ରବାହରୁ ସୁରକ୍ଷା ପାଇଁ ପଦକ୍ଷେପ



**ରାଉରକେଲା, ୨୮ ।୫(ସମିସ):** ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ପରିଚାଳିତ ଇନ୍ଦିରା ଗାନ୍ଧୀ ପାର୍କ ପ୍ରାଣୀ ଉଦ୍ୟାନର ପଶୁପକ୍ଷୀ ଏବଂ ସରୀସୃପଙ୍କୁ ସୁରକ୍ଷା ଦେବା ପାଇଁ ଆର୍‌ଏସ୍‌ପିର ଉଦ୍ୟାନ କୃଷି ବିଭାଗ ସମସ୍ତ ଆବଶ୍ୟକ ପଦକ୍ଷେପ ଏବଂ ସତର୍କତା ଅବଲମ୍ବନ କରୁଛି । ବିଶେଷକରି ଏବେ କିଛିଦିନ ଧରି ତାପମାତ୍ରା ବୃଦ୍ଧି ପାଇଥିବାରୁ ଲୋକଙ୍କ ସମେତ ପଶୁପକ୍ଷୀ ଅସହ୍ୟ ଗରମରେ ଛଟପଟ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ଇନ୍ଦିରା ଗାନ୍ଧୀ ପାର୍କରେ ଥିବା ପଶୁପକ୍ଷୀଙ୍କ ସୁରକ୍ଷା ପାଇଁ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ମାଙ୍କଡ଼, ମାକାଉ ଏବଂ ଅନ୍ୟ ପକ୍ଷୀ ଏନକ୍ଲୋଜରରେ କୁଲର୍ ସ୍ଥାପିତ କରାଯାଇଛି । ୱାଟର ଟ୍ୟାଙ୍କର୍ ମାଧ୍ୟମରେ ନିୟମିତ ଭାବରେ ଥଣ୍ଡା ପାଣି, ଭାଲୁ, ହରିଣ ଏବଂ ଏମ୍ୟୁ ଉପରେ ସ୍ପ୍ରେ କରାଯାଉଛି । ଭାଲୁ, ହରିଣ ଏବଂ ଏମ୍ୟୁ ସ୍ନାନ କରିବା ପାଇଁ ଖୁଆଡ଼ ଭିତରେ କୃତ୍ରିମ ପୁଷ୍କରିଣୀ ଖୋଳାଯାଇଛି ।

ସେହିପରି ପ୍ରାଇମେଟସ୍, ଆଭେସ୍ ଏବଂ ହରିଣଗୁଡ଼ିକ ନିମନ୍ତେ ପାନୀୟ ଜଳ ସହ ରସଯୁକ୍ତ ଖାଦ୍ୟ ଏବଂ ଆଣ୍ଟି ଷ୍ଟ୍ରେସ୍ ଫର୍ମୁଲେସନ୍ ଯୋଗାଇ ଦିଆଯାଉଛି । ସମସ୍ତ ଜୀବଜନ୍ତୁ ଏବଂ ପକ୍ଷୀଙ୍କ ପାଇଁ ୨୪ ଘଣ୍ଟିଆ ଜଳଯୋଗାଣ ସୁନିଶ୍ଚିତ କରାଯାଇଛି । ଜମାଟ ଜଳରେ ଆବର୍ଜନାର ସମ୍ଭାବନା ଏଡ଼ାଇବା ପାଇଁ ଜଳ ପ୍ରବାହକୁ ଅନବରତ କରାଯାଇଛି । ସେମାନଙ୍କ ବାସକୁ ସଫସୁତୁରା ରଖାଯିବା ସହ ସେଠାରେ ନିୟମିତ ରୂପେ ବିଶୋଧକ ଔଷଧରେ ବିଶୋଧିତ କରାଯାଉଛି । ଅତ୍ୟଧିକ ଉତ୍ତାପକୁ ରୋକିବା ପାଇଁ ପ୍ରତ୍ୟେକ ବିକଳ୍ପ ଦିନରେ ପଶୁମାନଙ୍କ ଶେଡ୍‌ରେ ପାଣି ଛିଞ୍ଚିବା ପାଇଁ ୱାଟର ଟ୍ୟାଙ୍କର୍ ଯୋଗାଇ ଦିଆଯାଉଛି । ଚିଡ଼ିଆଖାନାରେ ଥିବା ଜୀବଜନ୍ତୁଙ୍କୁ ଗ୍ରୀଷ୍ମକାଳୀନ ଡିହାଇଡ୍ରେସନ, ଗ୍ରୀଷ୍ମାଘାତ ତଥା ଅନ୍ୟ ସମସ୍ୟାରୁ ରକ୍ଷା ପାଇଁ ଏହି ପ୍ରୟାସଗୁଡ଼ିକ ବିଶେଷ ସହାୟକ ହେଉଛି । ବିଲୁପ୍ତ ତଥା ସମ୍ବେଦନଶୀଳ ପ୍ରଜାତିଗୁଡ଼ିକ ପାଇଁ ବିଶେଷ ଯତ୍ନ ନିଆଯାଏ ଯାହାଦ୍ୱାରା ସେମାନେ ଯେକୌଣସି ସମୟରେ ପାଣି ଭିତରକୁ ଯାଇ ନିଜକୁ ଥଣ୍ଡା ରଖିପାରିବେ । ଉଲ୍ଲେଖଯୋଗ୍ୟ, ଇନ୍ଦିରା ଗାନ୍ଧୀ ପାର୍କ ପ୍ରାଣୀ ଉଦ୍ୟାନ ହେଉଛି ରାଜ୍ୟର ଦ୍ୱିତୀୟ ବୃହତ୍ତମ ଏକୀକୃତ ପ୍ରାଣୀ ଉଦ୍ୟାନ ଯେଉଁଠାରେ ୨୩ଟି ପ୍ରଜାତିର ୧୩୫ ପ୍ରାଣୀ ଏବଂ ପକ୍ଷୀ ବାସ କରନ୍ତି । ଏହା ସ୍ଥାନୀୟ ତଥା ପଡ଼ୋଶୀ ଅଞ୍ଚଳର ବାର୍ଷିକ ଏକ ଲକ୍ଷରୁ ଅଧିକ ପରିଦର୍ଶକଙ୍କ ମନୋରଞ୍ଜନ କରୁଛି ।

## କାର୍‌ରେ ମହୁଲି ଚାଲାଣ, ଧରିଲା ଅବକାରୀ ବିଭାଗ



**ମୁଖ୍ୟ ଅଭିଯୁକ୍ତ ସମେତ ୩ ଗିରଫ**

**ରାଉରକେଲା, ୨୮ ।୫(ସମିସ):** କାର ଯୋଗେ ରାଉରକେଲାକୁ ମହୁଲି ମଦ ଚାଲାଣ ହେଉଥିବା ବେଳେ ଅବକାରୀ ବିଭାଗ ଧରିବାରେ ସକ୍ଷମ ହୋଇଛି । ଏଥିରେ ସମ୍ପୃକ୍ତ ରେଲୱେ କଲୋନୀ ରିମଝିମ୍ ବସ୍ତିର ମୁଖ୍ୟ ଅଭିଯୁକ୍ତ ପବନ ମୁଣ୍ଡା (୩୦)ଙ୍କ ସମେତ ବେଆଇନ୍ ମଦ ବିକ୍ରି କରିବା ଅଭିଯୋଗରେ ରେଲୱେ କଲୋନୀର ଅନିଲ ନାଗ (୨୨) ଓ ଡେଲି ମାର୍କେଟର ରାଜା ସାହୁ (୨୨)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କଠାରୁ ମୋଟ ୩୦୦ ଲିଟର ମଦ ଓ କାର ଜବତ କରାଯାଇଛି ।

ଅବକାରୀ ବିଭାଗ ଇନ୍ସପେକ୍ଟର ମୋହପ୍ରଧାନଙ୍କ ସୂଚନା ମୁତାବକ, ବିଭାଗର ଏସଇ ଶେଖ୍ ଅସଫ ଅଲ୍ଲୀଙ୍କୁ ସହରକୁ ମଦ ଚାଲାଣ ହେଉଥିବା ଗୁପ୍ତ ସୂଚନା ମିଳିଥିଲା । ଏହି ଆଧାରରେ ସେକ୍ଟର-୨ରେ ଏକ ଟିମ୍ ଚଢ଼ଉ କରିଥିଲା । ଚାଲାଣକାରୀ ପବନଙ୍କୁ ଧରି ପଚରାଉଚରା ପରେ ସପ୍ତାହରେ ଦୁଇଥର ସେ ଝିରପାଣିରୁ ମଦ ଆଣି ରାଉରକେଲାରେ ଅନିଲ ଓ ରାଜାଙ୍କୁ ବିକ୍ରି କରୁଥିବା ଜଣାପଡ଼ିଥିଲା । ପରେ ଅବକାରୀ ବିଭାଗ ସମସ୍ତଙ୍କୁ ଗିରଫ କରିଥିଲା । ଜବତ ମଦର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି କୁହାଯାଇଛି । ଉକ୍ତ ଚଢ଼ଉରେ ମୋବାଇଲ ୟୁନିଟ୍ ଇନ୍ସପେକ୍ଟର ଥାରପା ମାର୍ଣ୍ଡି, ମୋବାଇଲ ୟୁନିଟ୍ ଏସଆଇ ଅଜୟ ପ୍ରଧାନ, କନଷ୍ଟେବଲ ନବୀନ ଭୂୟାଁ, ସପନ କୁମାର ସାହୁ, ସୁକାନ୍ତ ଅମାତ, ବବୁଲ କୁମାର ସ୍ୱାଇଁ, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ତେର୍ଷା ବାର୍ଲା, ରେଣୁ କିରୋ ପ୍ରମୁଖ ସାମିଲ ହୋଇଥିଲେ ।

**ଘନ ଘନ ବିଦ୍ୟୁତ୍ କାଟ୍**

## ଅସହ୍ୟ ଗୁଳୁଗୁଳିରେ ଲୋକେ ଅତିଷ୍ଠ

**ସୁନ୍ଦରଗଡ଼, ୨୮ ।୫(ସମିସ):** ବଡ଼ଗାଁ ବ୍ଲକ ଅଞ୍ଚଳରେ ଘନ ଘନ ଅଘୋଷିତ ବିଦ୍ୟୁତ କାଟ୍ ହେଉଥିବା ଅଭିଯୋଗ ହେଉଛି । କିଛିଦିନ ହେବ ସାରା ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଏଥିରେ ବଡ଼ଗାଁ ବ୍ଲକ ମଧ୍ୟ ବାଦ୍ ପଡ଼ି ନାହିଁ । ଏହି ବ୍ଲକ ଅଞ୍ଚଳରେ ମଧ୍ୟ ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି । ପଙ୍ଖାରେ ଗରମ ପବନ ବାହାରୁଛି । କୁଲର ମଧ୍ୟ ଆଉ କାମ ଦେଉନାହିଁ । ଏପରି ଦାରୁଣ ନିଦାଘ ସମୟରେ ଅଘୋଷତ ବିଦ୍ୟୁତ୍ କାଟ୍ ଲୋକଙ୍କୁ ଅସ୍ତବ୍ୟସ୍ତ କରିପକାଉଛି । ବର୍ଷା ନାହିଁ କି ଘଡ଼ଘଡ଼ି ନାହିଁ, କିନ୍ତୁ ବିଦ୍ୟୁତ୍ ଉଭାନ ହୋଇଯାଉଛି । ଏ ସ୍ଥିତିରେ ଲୋକେ ଗରମ ସହି ନ ପାରି ଖରାବେଳେ ଗଛ ତଳେ ସମୟ ବିତାଇବାକୁ ବାଧ୍ୟ ହେଉଛନ୍ତି । ଲୋକେ ଶାନ୍ତିରେ ବିଶ୍ରାମ ନେଇପାରୁନାହାନ୍ତି । ବିଦ୍ୟୁତ ଅଭାବରୁ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକ ଠିକ ଭାବେ ପାଣି ଯୋଗାଇ ପାରୁ ନ ଥିବାରୁ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ଖରାଟିଆ ଚାଷକାର୍ଯ୍ୟ ଗୁରୁତର ପ୍ରଭାବିତ ହେଉଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଅଘୋଷିତ ବିଦ୍ୟୁତ କାଟ୍ ବନ୍ଦ କରିବାକୁ ଦାବି ହେଉଛି ।

## ରାଜୀ ପଡ଼ାହା ସରନା ପ୍ରାର୍ଥନା ସମିତି ପକ୍ଷରୁ 'ଜ୍ୟେଷ୍ଠ ଯାତ୍ରା'



**ରାଉରକେଲା, ୨୮ ।୫(ସମିସ):** ଉଦିତନଗରସ୍ଥିତ ସରନା ପୂଜାସ୍ଥଳରେ ରାଜୀ ପଡ଼ାହା ସରନା ପ୍ରାର୍ଥନା ସମିତି ପକ୍ଷରୁ ମଙ୍ଗଳବାର ମହାନ ଆଦିବାସୀ ପର୍ବ 'ଜ୍ୟେଷ୍ଠ ଯାତ୍ରା' ମହାସମାରୋହରେ ପାଳିତ ହୋଇଛି । ଓରାମ କଳା ସଂସ୍କୃତିର ଏହି ଉତ୍ସବରେ ପାରମ୍ପରିକ ନୃତ୍ୟଗୀତ ସହ ପାରମ୍ପରିକ ଅସ୍ତ୍ରଶସ୍ତ୍ରର ମଧ୍ୟ ପ୍ରତୀକାତ୍ମକ ପ୍ରଦର୍ଶନ କରାଯାଇଥିଲା । ଓରାମ ସମାଜର ପୂର୍ବଜମାନେ ବିହାରର ରୋହତସଗଡ଼ରେ ଶତ୍ରୁପକ୍ଷ ବିରୋଧରେ ଯୁଦ୍ଧ କରୁଥିଲେ । ଏହି ଲଢ଼େଇରେ ମହିଳାମାନେ ପୁରୁଷ ବେଶରେ ଯୁଦ୍ଧରେ ସାମିଲ ହୋଇ ବିଜୟ ଲାଭ କରିଥିଲେ । ମହିଳାମାନଙ୍କ ଏହି ବୀରତ୍ୱକୁ ମନେ ପକାଇବାକୁ ପ୍ରତିବର୍ଷ 'ଜ୍ୟେଷ୍ଠ ଯାତ୍ରା' ଉତ୍ସବ ପାଳନ କରାଯାଏ ବୋଲି ସୂଚନା ମିଳିଛି ।

ଏହି ଅବସରରେ ପାରମ୍ପରିକ ନୀତିନିୟମ ଅନୁଯାୟୀ ସୃଷ୍ଟିକର୍ତ୍ତା ଧାର୍ମେଶ୍ (ଭଗବାନଙ୍କୁ) ସମବେତ ପ୍ରାର୍ଥନା କରାଯାଇଥିଲା । ଧରାପୃଷ୍ଠରେ ଜୀବଜନ୍ତୁ ପଶୁପକ୍ଷୀ ସମେତ ପ୍ରତ୍ୟେକ ମନୁଷ୍ୟ ସୁଖଶାନ୍ତିରେ ରୁହନ୍ତୁ ଏବଂ ଚଳିତ ବର୍ଷ ଜ୍ୟେଷ୍ଠମାସ ପରେ ଆଷାଢ଼, ଶ୍ରାବଣରେ ଭଲ ବର୍ଷା ହେଉ ବୋଲି ଏହି ଅବସରରେ କାମନା କରାଯାଇଥିଲା ।

## କୂଅରେ ପଡ଼ି ନବବିବାହିତା ମୃତ

**କୁତ୍ରା, ୨୮ ।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ତେଲିଘଣା ଗ୍ରାମ ମଙ୍ଗାପଡ଼ାରେ ମଙ୍ଗଳବାର କୂଅରେ ପଡ଼ି ଜଣେ ନବବିବାହିତା ମହିଳାଙ୍କ ମୃତ୍ୟୁ ଘଟିଛି । ଝରେନ ଗ୍ରାମର ଗୀତା ଏକ୍କା (୨୨) ଦୁଇ ମାସ ତଳେ ମଙ୍ଗାପଡ଼ାର ସୁବାସ ମିଞ୍ଜଙ୍କୁ ବିବାହ କରିଥିଲେ । ମଙ୍ଗଳବାର ସକାଳେ ଗୀତା ପାଣି ଆଣିବା ପାଇଁ ଘର ନିକଟ କୂଅକୁ ଯାଇଥିବା ବେଳେ କୌଣସି କାରଣରୁ କୂଅରେ ପଡ଼ିଯାଇଥିଲେ । ଏହା ଜଣାପଡ଼ିବା ପରେ ପରିବାର ଲୋକେ ତାଙ୍କୁ କୂଅରୁ ଉଦ୍ଧାର କରି କୁତ୍ରା ସରକାରୀ ଡାକ୍ତରଖାନା ଆଣିଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ପୁଲିସ ମେଡିକାଲରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ଘର ଲୋକଙ୍କୁ ହସ୍ତାନ୍ତର କରିଛି ।

**ଯୁକ୍ତ ୨ ପରୀକ୍ଷା**

## ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଶ୍ରିତ ଫଳ

**ସୁନ୍ଦରଗଡ଼, ୨୮ ।୫(ସମିସ):** ନିକଟରେ ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ସୁନ୍ଦରଗଡ଼ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମିଶ୍ରିତ ଫଳାଫଳ ରହିଛି । କଳା ବିଭାଗରେ ୫୪ ପରୀକ୍ଷାର୍ଥୀ ପ୍ରଥମ, ୪୭ ଜଣ ଦ୍ୱିତୀୟ ଓ ୧୨୫ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି । ୨୨ ଜଣ ଫେଲ ହୋଇଛନ୍ତି । ସେହିପରି ବିଜ୍ଞାନରେ ୬୪ ପରୀକ୍ଷାର୍ଥୀ ପ୍ରଥମ, ୯୧ ଜଣ ଦ୍ୱିତୀୟ ଓ ୭୬ ଜଣ ତୃତୀୟ ଶ୍ରେଣୀରେ ପାସ କରିଛନ୍ତି । ୧୨ ଜଣ ଫେଲ ହୋଇଛନ୍ତି । ବାଣିଜ୍ୟରେ ୩୪ ଜଣ ପ୍ରଥମ, ୨୧ ଜଣ ଦ୍ୱିତୀୟ ଓ ୫୯ ଜଣ ତୃତୀୟ ଶ୍ରେଣୀରେ ପାସ କରିଥିବା ବେଳେ ୧୪ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି । ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

## ବିଜେପି ଅସ୍ଥାୟୀ ଅଫିସ୍ ଜଳିଗଲା



**ସୁନ୍ଦରଗଡ଼, ୨୮ ।୫(ସମିସ):** ମଙ୍ଗଳବାର ସନ୍ଧ୍ୟାରେ ସୁନ୍ଦରଗଡ଼ ପଣସପଡ଼ାସ୍ଥିତ ବିଜେପିର ଅସ୍ଥାୟୀ ଅଫିସରେ ଅଗ୍ନିକାଣ୍ଡ ଘଟିଛି । ବିଦ୍ୟୁତ ସଂସ୍ପର୍ଶରେ ଉକ୍ତ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି । ଦମକଳ ବାହିନୀ ନିଆଁକୁ ନିୟନ୍ତ୍ରଣ କରିଥିଲା । ପୁଲିସ ଘଟଣାର ତଦନ୍ତ କରୁଛି ।

# ସୁନ୍ଦରଗଡ଼ ଜିଲ୍ଲାରେ ନଦୀନାଳ, ପୋଖରୀ ଶୁଖିଲା

ସୁନ୍ଦରଗଡ଼, ୨୮ ।୫(ସମିସ)

- ପାଣି ପାଇଁ ଲୋକେ ହନ୍ତସନ୍ତ
- ଜୁନ୍ ପ୍ରଥମ ସପ୍ତାହରେ ବର୍ଷା ନ ହେଲେ ସ୍ଥିତି ସଙ୍ଗୀନ



ଚଳିତ ଗ୍ରୀଷ୍ମଋତୁରେ ସୁନ୍ଦରଗଡ଼ ଜିଲ୍ଲାର ଅଧିକାଂଶ ନଦୀନାଳ, ପୋଖରୀ ଶୁଖିଲା ପଡ଼ିଛି । ଫଳରେ ପାଣି ପାଇଁ ଲୋକେ ଘୋର ହନ୍ତସନ୍ତ ହେଉଛନ୍ତି । ଜିଲ୍ଲାର ପ୍ରମୁଖ ଇବ୍ ନଦୀର ଉପର ମୁଣ୍ଡରେ ଛତିଶଗଡ଼ ରାଜ୍ୟ ସରକାରଙ୍କ ଏକାଧିକ ବ୍ୟାରେଜ ନିର୍ମାଣ ଯୋଗୁଁ ଜଳ ପ୍ରବାହ ଏକପ୍ରକାର ବନ୍ଦ ହୋଇଯାଇଛି । ଏ ସ୍ଥିତିରେ ଓଡ଼ିଶା ସରକାର ଇବ୍ ନଦୀରେ ଜଳ ସଂରକ୍ଷଣ ପାଇଁ କୋପିସିଂହା, କୁଡ଼ାବଗା ଓ ଭଷ୍ମାଠାରେ ତିନିଟି ବ୍ୟାରେଜ ନିର୍ମାଣ ପ୍ରକଳ୍ପ ହାତକୁ ନେଇଛନ୍ତି । ମାତ୍ର ସମସ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମରୁ ବହୁ ଦୂରରେ ରହିଛି । ଖରାଦିନେ ଏହି ନଦୀରେ ଆଉ ପାଣି ଆସୁନାହିଁ । ଇବ୍ ନଦୀ ଭଳି ସଫେଇ ନଦୀରେ ବି ଏକ ବ୍ୟାରେଜ ନିର୍ମାଣ ପ୍ରକଳ୍ପ ହାତକୁ ନିଆଯାଇଥିଲେ ହେଁ ତାହା ବି କାର୍ଯ୍ୟକ୍ଷମ ହୋଇନି । ବିଭିନ୍ନ ନାଳ, ଉପ ତଥା ଶାଖାନଦୀଗୁଡ଼ିକ ମଧ୍ୟ ଶୁଖିଲା ପଡ଼ିଛି । ଗାଁ ପୋଖରୀରେ ଆଉ ପାଣି ନାହିଁ । ଯେଉଁଠି ଅଳ୍ପ ପାଣି ଅଛି ତାହା ଗୋଳିଆ ହୋଇଥିବାରୁ ସ୍ନାନଶୌଚ ଉପଯୋଗୀ ହୋଇପାରୁ ନାହିଁ । କାଁ ଭାଁ ବଡ଼ ବଡ଼ ଜଳାଶୟରେ ସ୍ନାନଶୌଚ ହେଉଛି । ସେହିପରି ଭୂତଳ ଜଳସ୍ତର ହ୍ରାସ ଯୋଗୁଁ କୂଅକୁଡ଼ିକର ଜଳସ୍ତର ରସାତଳଗାମୀ ହୋଇଛି । ଠିକ ଭାବେ ଆଉ ପାଣି ବାହାରୁ ନାହିଁ । କେତେକ ନଳକୂପ ସମ୍ପୂର୍ଣ୍ଣ ଶୁଖିଯାଇଥିବାରୁ ଅକାମୀ ହୋଇ ପଡ଼ିଛି । ଏପରିକି ପୂରା ଶୁଖିଯିବା ଫଳରେ କେତେକ ଗଭୀର କୂପଭିତ୍ତିକ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟ କାମକରୁନାହିଁ । ଲୋକେ ପାନୀୟ ଜଳ ସହ ସ୍ନାନଶୌଚ ପାଇଁ ଘୋର ଦୁର୍ଦ୍ଦଶା ଭୋଗି ଆସୁଛନ୍ତି । ପଶୁପକ୍ଷୀମାନେ ମଧ୍ୟ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ଜୁନ ପ୍ରଥମ ସପ୍ତାହରୁ ମୌସୁମୀ ବର୍ଷା ନ ହେଲେ ପରିସ୍ଥିତି ସଙ୍ଗୀନ ହେବା ଆଶଙ୍କା ଦେଖାଦେଇଛି ।

# ଦିନ ଅପେକ୍ଷା ରାତିରେ କନ୍ଦାଉଛି ଗୁଳୁଗୁଳି

**ଭବାନୀପାଟଣା, ୨୮ ।୫(ସମିସ)**

ଦିନକୁ ଦିନ ଗ୍ରୀଷ୍ମର ପ୍ରକୋପ ବଢ଼ିବାରେ ଲାଗିଛି । ଗାଁରୁ ସହର ସବୁଠି ଏବେ ଖରାର ରାଜୁଟି । ଅସହ୍ୟ ତାତି ଦିନସାରା ଲୋକଙ୍କୁ ଦହଗଞ୍ଜ କରୁଛି । ଏଭଳି ସାରା ଦିନ ଖରା ପ୍ରକୋପର ସାମ୍ନା କରୁଛନ୍ତି କଳାହାଣ୍ଡିବାସୀ । ବିଗତ ଗୋଟିଏ ସପ୍ତାହ ଧରି ସାରା ଜିଲ୍ଲାରେ ଉତ୍ତପ୍ତ ନିଆଁ ବର୍ଷୁଛି । ଝାଳ ଗମଗମ ବାହାରୁଥିବା ବେଳେ ଗୁଳୁଗୁଳିରେ ଜୀବନ ଡହକବିକଳ ଲାଗୁଛି । ତାପମାତ୍ରା ୪୨ ରୁ ୪୪ ଡିଗ୍ରୀ ପର୍ଯ୍ୟନ୍ତ ରହୁଥିବା ବେଳେ ରାତିରେ ମଧ୍ୟ ଅସ୍ଥିର କରିପକାଉଛି । ଏଭଳି ସମୟରେ ବାରମ୍ବାର ବିଜୁଳି କାଟ ନିଆଁରେ ଘିଅ ଢାଳିଲା ଭଳି କାମ କରୁଛି । କଳାହାଣ୍ଡି ଜିଲ୍ଲାର ଗ୍ରାମାଞ୍ଚଳରେ ଏହା ବେଶୀ ଅନୁଭୂତ ହେଉଥିବା ବେଳେ ସହରଗୁଡିକ ତତଲା ତାୱାରେ ସିଝିଲା ଭଳି ମନେ ହେଉଛି । ସକାଳ ୮ଟାରୁ ସନ୍ଧ୍ୟା



୬ଟା ଯାଏଁ ଖରା ସହ ଝାଞ୍ଜି ଲାଗି ରହିଥିବା ବେଳେ ରାତିରେ ମଧ୍ୟ ସାମାନ୍ୟ ଆଶ୍ୱସ୍ତି ମିଳିବା ଦୂରେ ଥାଉ ବେଳେବେଳେ ବିଦ୍ୟୁତ୍ କାଟ ଅସୁବିଧାକୁ ଦ୍ୱିଗୁଣିତ କରୁଛି । ତେବେ ଏ ପ୍ରକାର ଗ୍ରୀଷ୍ମ ଲହର ଚାଲିଥିବା କାରଣରୁ ଉଠା ଦୋକାନୀ ଓ ପରିବା ବିକାଳିମାନେ ବଡ଼ ହିନସ୍ଥାରେ କାଳ କାଟୁଛନ୍ତି । ଦିନ ୧୦ଟା ପରେ ରାସ୍ତାଘାଟ ଶୂନଶାନ ହୋଇପଡୁଛି । ଗ୍ରାମାଞ୍ଚଳରୁ ଚିକିତ୍ସା ପାଇଁ ଆସୁଥିବା ଏବଂ ବିଭିନ୍ନ ସରକାରୀ କାର୍ଯ୍ୟ ଓ କୋର୍ଟକଚେରୀ କାମରେ ଲୋକମାନେ ଭବାନୀପାଟଣା ଆସି ଯନ୍ତ୍ରଣା ଭୋଗୁଛନ୍ତି । ଏଥର ଜଳଛତ୍ର ପର୍ଯ୍ୟାପ୍ତ ପରିମାଣରେ ନଥିବା ଯୋଗୁଁ ପିଇବା ପାଣି ଲାଗି ଦୋକାନର ବୋତଲ ପାଣି ଉପରେ ଭରସା କରିବାକୁ ହେଉଛି । ସାମାନ୍ୟ ବର୍ଷା ଟିକେ ଯଦି ହୁଅନ୍ତା ତେବେ ଏଭଳି ଯନ୍ତ୍ରଣାରୁ ତ୍ରାହି ମିଳନ୍ତା ବୋଲି ଅନେକ ଅପେକ୍ଷାରେ ରହିଥିବା ଦେଖିବାକୁ ମିଳୁଛି ।

- ଅସହ୍ୟ ରୌଦ୍ରତାପରେ ସିଝୁଛି କଳାହାଣ୍ଡି
- ଜନଜୀବନ ଅସ୍ତବ୍ୟସ୍ତ

## ୪୫.୩ ଡିଗ୍ରୀରେ ଭାଜିହେଲା ସୋନପୁର

# ଅତିଷ୍ଠ କରୁଛି ଅଘୋଷିତ ବିଦ୍ୟୁତ୍ କାଟ୍

**ସୋନପୁର, ୨୮।୫(ସମିସ):** ସୋନପୁରରେ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ଯାଉଛି । ଦୁଇ ଦିନ ହେଲା ଗରମ ଯୋଗୁଁ ଲୋକେ ଅଥୟ ହୋଇ ଯାଉଛନ୍ତି । ମଙ୍ଗଳବାର ସୋନପୁରର ତାପମାତ୍ରା ୪୫.୩ ଡିଗ୍ରୀ ରେକର୍ଡ କରାଯାଇଛି । ସାରା ଦିନ ତତଲା ତାୱାରେ ଭାଜି ହେଲା ଭଳି ଲାଗୁଥିଲା । ଦିନ ୯ଟା ପରେ ତାତି ଅସମ୍ଭାଳ ହୋଇ ଯାଇଥିଲା । ଦିନ ୧୧ଟା ପରେ ଅସମ୍ଭାଳ ତାତି ଯୋଗୁଁ ସହର ଖାଁ ଖାଁ ହୋଇଯାଇଥିଲା । ତେବେ ଏହାରି ମଧ୍ୟରେ ସହରବାସୀଙ୍କ ପାଇଁ ଅଧିକ ଦୁଃଖ ଦାୟକ ସାଜିଥିଲା ଅଘୋଷିତ ବିଦ୍ୟୁତ୍ କାଟ୍ । ମଙ୍ଗଳବାର ସକାଳୁ ବହୁ ସମୟ ଯାଏଁ ବିଦ୍ୟୁତ କଟିଥିଲା । ପୁଣି ଦ୍ୱିପହର ପ୍ରବଳ ଖରା ବେଳରେ ଅଧ ଘଣ୍ଟାରୁ ଅଧିକ ସମୟ ଯାଏଁ ବିଦ୍ୟୁତ କାଟ୍ ହୋଇଥିଲା । ଗରମରେ ଲୋକେ ଆଉଟୁ ପାଉଟୁ ହୋଇ ଯାଇଥିଲେ । ଦୁଇ ତିନି ଦିନ ହେଲା ଏଭଳି ମନଇଚ୍ଛା ବିଦ୍ୟୁତ୍ କାଟ୍ ହେଉଛି । ବିଶେଷ କରି ଛୋଟ ଛୁଆ ବହୁ ହଇରାଣ ହେଉଛନ୍ତି । ଗରମ ଯୋଗୁଁ ଘରେ କି ବାହାରେ କୌଣସି ସ୍ଥାନରେ ଶାନ୍ତିରେ ଜୀବନ କଟୁ ନାହିଁ । କିଛି ଦିନ ହେଲା ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁଁ ଅତିଷ୍ଠ ହୋଇ ଗଲେଣି ସହରବାସୀ । ବିଜୁଳିର ଲୁଚକାଳି ଖେଳ ଯୋଗୁଁ ଅଧିକ ହଇରାଣ ହୋଇଛନ୍ତି ଗରିବ ଗୁରୁବା । ଗରିବ ଖଟିଖିଆ କାମଧନ୍ଦାରୁ ଆସି ଖାଇପିଇ ଟିକେ ବିଶ୍ରାମ କରିବାକୁ ଗଲାବେଳେ ବିଜୁଳି ଚମ୍ପଟ ।

# ସୁନାବେଡା ଅଭୟାରଣ୍ୟରେ ପୁଣି ଏକ ହତ୍ୟାକାଣ୍ଡ

**ନୂଆପଡ଼ା, ୨୮।୫(ସମିସ):** ଆଜିକୁ ଠିକ ୪ ଦିନ ତଳେ ସୁନାବେଡା ଅଭୟାରଣ୍ୟର ଦାତୁନାମାରେ ଜଣେ ଯୁବକଙ୍କୁ ଧନୁତୀର ମାରି ହତ୍ୟା କରିବା ଘଟଣା ଲୋକଙ୍କ ମନରୁ ଲିଭିନି । ମଙ୍ଗଳବାର ପୁଣି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି । ଅଭୟାରଣ୍ୟ ଅଧୀନ ଗୋଦୁମା ପଥର ଚଟାଣରେ ଜଣେ ଯୁବକଙ୍କୁ ହତ୍ୟା କରି ଫିଙ୍ଗି ଦିଆଯାଇଛି । ଯୁବକ ଜଣକ ସ୍ଥାନୀୟ ସୋସେଙ୍ଗ ପଞ୍ଚାୟତ ଅଡାର ଗାଁର ଗୋପାଳ ପହରିଆ (୨୫) ।

ସୋସେଙ୍ଗରୁ ସୁନାବେଡା ଯିବା ରାସ୍ତାରେ ଅଡାର ନିକଟବର୍ତ୍ତୀ ରାସ୍ତା କଡରେ ଜଣେ ଯୁବକଙ୍କୁ ମୃତଦେହ ପଡ଼ିରହିଥିବା ଲୋକେ ଦେଖିବାକୁ ପାଇଥିଲେ । ଏହି ଖବର ପାଇ ଲୋକେ ଆସି ଦେଖିଲାବେଳକୁ ଯୁବକ ଜଣକ ଗୋପାଳ ବୋଲି ଚିହ୍ନଟ କରିଥିଲେ । ଅପରାହ୍ନ ୩ଟାରେ ସ୍ଥାନୀୟ ଯୁବକମାନେ ଘଟଣାସ୍ଥଳରେ ମଦ୍ୟପାନ କରିଥିଲେ । ସେମାନଙ୍କ ଭିତରେ ଗଣ୍ଡେଗୋଳ ହୋଇଥିଲା । ଏଥିରେ ଉତକ୍ଷୀପ୍ତ ହୋଇ ମାରପିଟ ହେବା ପରେ ଏଭଳି ମୃତ୍ୟୁ ଘଟିଥାଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି । ତେବେ ଏହାକୁ ନେଇ ପୁଲିସ ନିକଟରେ କୌଣସି ଅଭିଯୋଗ ଆସିନାହିଁ । ତଥାପି ବୁଧବାର ସକାଳେ ପୁଲିସର ଏକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି କାର୍ଯ୍ୟାନୁଷ୍ଠାନ କରିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ । ସୂଚନାଯୋଗ୍ୟ, ଗତ ବର୍ଷ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି ।

**ଗୋଦୁମା ନାଚନିସିଲରେ ମୃତଦେହ ପଡ଼ିଛି**

**ସାଙ୍ଗମେଳିରେ ମଦ୍ୟପାନ ଜନିତ ହତ୍ୟା ଆଶଙ୍କା**

# ଟ୍ରକ୍‌କୁ ପଛରୁ ପିଟିଲା ଟ୍ରକ୍ ଜଣେ ଚାଳକଙ୍କ ମୃତ୍ୟୁ

**ନୂଆପଡ଼ା/ବୋଡେନ, ୨୮ ।୫(ସମିସ):** ନୂଆପଡ଼ା ଜିଲ୍ଲା ବୋଡ଼େନ ଥାନା ଅଧୀନ ଖଇରା ଗାଁ ନିକଟସ୍ଥ ଅମେରା ଛକ ବିଜୁ ଏକ୍ସପ୍ରେସ ୱେରେ ଦୁର୍ଘଟଣା ଘଟିଛି । ନୂଆପଡ଼ା ପଟୁ ରାୟଗଡ଼ା ଅଭିମୁଖେ ଯାଉଥିବା ଏକ ଟ୍ରକ୍ (ଗାଡି ନମ୍ବର ଓଡି ୧୮-କେ ୫୩୨୮) ଆଗରେ ଥିବା ଏକ ଟ୍ରକ୍‌କୁ ପଛ ପଟୁ ଧକ୍କା ଦେଇଛି । ଏଥିରେ ଜଣେ ଟ୍ରକ୍ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଜଣଙ୍କ ଅବସ୍ଥା ଗୁରୁତର ରହିଛି । ମୃତ ଗାଡି ଚାଳକ ହେଉଛନ୍ତି ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ମାଣ୍ଡବିସୀ ଗ୍ରାମର ତିରୁପତି ସିଂ । ମଙ୍ଗଳବାର ବଡ଼ି ଭୋରରୁ ଆଗ ପଛ ହୋଇ ଦୁଇଟି ଗାଡି ଦ୍ରୁତ ଗତିରେ ଯାଉଥିଲେ । ସେଥି ମଧ୍ୟରୁ ପଛରେ ଯାଉଥିବା ଟ୍ରକ୍ ଭାରସାମ୍ୟ ହରାଇ ଆଗରେ ଯାଉଥିବା ଟ୍ରକ୍‌କୁ ଧକ୍କା ଦେଇଥିଲା । ଖବର ପାଇ ବୋଡ଼େନ ଅଗ୍ନିଶମ ବିଭାଗ ଓ ବୋଡେନ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତକଙ୍କ ସହ ଗୁରୁତର ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ବୋଡେନ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ଡ୍ରାଇଭର ତିରୁପତିଙ୍କୁ ମୃତ ଘୋଷଣା କରିଥିଲେ ।

# କାଳବୈଶାଖୀ ପ୍ରଭାବରେ ଘର ଭୁଶୁଡିଲା

**ଥୁଆମୂଳ ରାମପୁର, ୨୮।୫ (ସମିସ):** ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ସିନ୍ଧିପଦର ପଞ୍ଚାୟତର ଭୁଟ୍ରିଗୁଡ଼ା ଗ୍ରାମରେ କାଳବୈଶାଖୀର ତାଣ୍ଡବଲୀଳା ଦେଖିବାକୁ ମିଳିଛି । ଗତ ଶୁକ୍ରବାର ଅପରାହ୍ନରେ ହଠାତ୍ ଝଡ ତୋଫାନ ସହିତ ବର୍ଷାର ପ୍ରଭାବରେ ଗ୍ରାମର ବାରୁ



ମାଝୀଙ୍କ ଘର ଉପରେ ଏକ ବିରାଟ ତେନ୍ତୁଳି ଗଛ ଉପୁଡି ପଡ଼ିବା ଫଳରେ ଗୃହର ଏକ କାନ୍ଥ ଭୁଷୁଡି ପଡ଼ିଛି । ଠିକ୍ ସେଭଳି ବାରୁ ମାଝୀଙ୍କ ଘରର ଅନେକ ସାମଗ୍ରୀ କ୍ଷୟକ୍ଷତି ହେଇଥିବା ଜଣାପଡ଼ିଛି । ପରିବାର ଲୋକେ ଏକାଠି ଘରେ ଆଶ୍ରୟ ନେଇଥିବା ସମୟରେ ଏଭଳି ଘଟଣା ଘଟିଥିଲା । ଯାହାକି ବଡ଼ ଧରଣର ବିପଦରୁ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଥିଲେ । ଆଜକୁ ପ୍ରାୟ ୫ ଦିନ ବିତି ଯାଇଥିଲେ ସୁଦ୍ଧା ସ୍ଥାନୀୟ ସରପଞ୍ଚ କିମ୍ବା ବ୍ଲକ ପ୍ରଶାସନ ସେମାନଙ୍କ କ୍ଷତିଗ୍ରସ୍ତ ପରିବାର ନିକଟରେ ନ ପହଞ୍ଚିବା ବିଡ଼ମ୍ବନାର ବିଷୟ । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ବିପଦସଙ୍କୁଳ ଅବସ୍ଥାରେ ବ୍ଲକ ପରିସରରେ ତିନୋଟି ବଡ଼ ଗଛ







**କେସିଙ୍ଗା, ୨୮ ।୫(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସରରେ କାହିଁ କୋଉ ଦିନରୁ ତିନୋଟି ବଡ଼ ବଡ଼ ଗଛ କୋଠାମାନଙ୍କୁ ଲାଗି ରହିଛି । ସିପି ଅଫିସ ପଛ ପଟରେ ଥିବା ଗଛର ଚେର କମ୍ପ୍ୟୁଟର କାର୍ଯ୍ୟାଳୟ ଭିତରକୁ ଯାଇ ଅଫିସର ହାଲତ ଖରାପ ହେଲାଣି । ବାକି ଦୁଇଟି ଗଛ ଛାଇ ତ ଦେଉଛି ସତ କିନ୍ତୁ କେତେବେଳେ ପବନରେ ଭାଙ୍ଗି ଧନ ଜୀବନ ହାନି ହେବ କହିହେବ ନାହିଁ । ଏହାକୁ ଦୃଷ୍ଟିରେ ରଖି କେସିଙ୍ଗା ବିଡିଓ ପଦ୍ମନାଭ ପୁରୋହିତ ଗଛ ତିନୋଟିକୁ କାଟିବା ପାଇଁ କଳାହାଣ୍ଡି ନର୍ଥ ଡିଭିଜନର ଅଧିକାରୀଙ୍କୁ ପତ୍ର ଲେଖି ଜଣାଇଲା ପରେ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ବନ ବିଭାଗ ପକ୍ଷରୁ ଗଛ କାଟିବା ପାଇଁ ଆଦେଶ ମିଳିଥିଲା । ପରେ କେସିଙ୍ଗା ବିଡିଓ ଗଛ କାଟିବା ପାଇଁ ଓଡ଼ିଶା ବନ ଉନ୍ନୟନ ନିଗମକୁ ଯୋଗାଯୋଗ କରି ଗଛ ତିନୋଟି ପାଇଁ ପୁଣି ଥରେ ଚିଠି ମାଧ୍ୟମରେ ଜଣାଇଥିଲେ । ଓଡ଼ିଶା ବନ ଉନ୍ନୟନ ନିଗମ ପକ୍ଷରୁ କେସିଙ୍ଗା ବିଡିଓଙ୍କୁ ୭୭, ୪୦୬ ଟଙ୍କା ପୈଠ କଲେ ଗଛ କାଟିବା ପାଇଁ ନିଗମ ଲୋକ ପଠାଇବା ପାଇଁ ଜଣାଇଥିଲେ । ପରେ କେସିଙ୍ଗା ବିଡିଓ ୨୦୨୪ ଫେବୃଆରୀ ୨୩ ତାରିଖ ଦିନ ୭୭୪୦୬ ଟଙ୍କା ପଇଠ କରିଥିଲେ । କିନ୍ତୁ ଦୁଃଖର ବିଷୟ ପଇସା ପଇଠ କରି ତିନି ମାସ ବିତି ଯାଇଥିଲେ ମଧ୍ୟ ଓଡ଼ିଶା ବନ ଉନ୍ନୟନ ନିଗମର ଦେଖା ନାହିଁ କି ଆଜି ପର୍ଯ୍ୟନ୍ତ ଗଛ ମଧ୍ୟ କଟାଯାଇ ନାହିଁ । ଏ ବିଷୟରେ ଓଡ଼ିଶା ବନ ଉନ୍ନୟନ ନିଗମର ଅଧିକାରୀ ନାରାୟଣ ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ ଯେ ଗଛ କାଟିବା ପାଇଁ ତିନିରୁ ଚାରି ଥର ଗଲୁଣି । କିନ୍ତୁ ଗଛ ସବୁ ଅବ୍ୟବସ୍ଥିତ ସ୍ଥାନରେ ଥିବାରୁ କଟାଳିମାନେ ଗଛଗୁଡ଼ିକୁ କାଟିବାକୁ ସାହାସ କରୁ ନାହାନ୍ତି । ଗଛ କାଟିଲେ ବିଲଡିଂ ସବୁ ଭାଙ୍ଗିଯିବାର ଆଶଙ୍କା ପ୍ରକାଶ କରି ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ଟଙ୍କାକୁ ଫେରାଇ ଦେବା ପାଇଁ କହିଛନ୍ତି । ଏଠାରେ ମନରେ ଉଙ୍କି ମାରୁଛି ଯେ ଯଦି ପ୍ରଶାସନ ଗଛ କାଟିବା ପାଇଁ ମନା କରୁଛି ତାହାହେଲେ ଗଛ କାଟିବ କିଏ । ଗଛ ନ କାଟିଲେ ଭବିଷ୍ୟତରେ ଜୋର୍‌ସୋରରେ ପବନ ହେଲେ ଗଛ ଭାଙ୍ଗି ବହୁତ କ୍ଷୟକ୍ଷତି ସହିବାକୁ ପଡ଼ିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

**ଗଛ କାଟିବା ପାଇଁ ମନା କରୁଛି ଓଡ଼ିଶା ବନ ଉନ୍ନୟନ ନିଗମ**

# କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ସୁବଳୟା, ୨୮।୫ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରାମହରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ସମ୍ବର୍ଦ୍ଧନା ଉତ୍ସବରେ ଅମରପାଲି ଉଚ୍ଚ ବିଦ୍ୟାଳୟର ଛାତ୍ରୀ କୁନ୍ତୀ ସାହୁ (୯୦ ପ୍ରତିଶତ), ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ମୁକ୍ତେଶ୍ୱର ନନ୍ଦ (୯୭ ପ୍ରତିଶତ), ପୁଣ୍ୟାଶ୍ଳୋକ ପ୍ରିୟଦର୍ଶନୀ କର୍ମୀ (୯୬ ପ୍ରତିଶତ), ଆଦ୍ୟଶା ନାଏକ (୯୧ ପ୍ରତିଶତ), ସାଗରିକା ନନ୍ଦ (୯୦.୨୦ପ୍ରତିଶତ), ଶିବାନୀ ମେହେର (୯୦.୬୦ପ୍ରତିଶତ), ସୁନୟନା ପଧାନ(୯୦ ପ୍ରତିଶତ)ଙ୍କୁ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ସମର୍ଦ୍ଧିତ କରିଥିଲେ । କେନଝରିଆପାଲି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିନୟ ବିଶ୍ୱାଳ ସଭା ପରିଚାଳନା କରିଥିଲେ । ଏହି ସଭାରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାରଣା ଡୁଙ୍ଗଡୁଙ୍ଗ ଉପସ୍ଥିତ ଥିଲେ ।

# କଳାହାଣ୍ଡି କରାଟେ ସ୍କୁଲ ପକ୍ଷରୁ ଜିଲ୍ଲାସ୍ତରୀୟ ବେଲ୍ଟ ପରୀକ୍ଷା ଉଦ୍‌ଯାପିତ

**ଭବାନୀପାଟଣା, ୨୮ ।୫(ସମିସ):** କଳାହାଣ୍ଡି କରାଟେ ସ୍କୁଲ ପକ୍ଷରୁ ଜିଲ୍ଲାସ୍ତରୀୟ ବେଲ୍ଟ ପରୀକ୍ଷା ହାଇଟେକ ପବ୍ଲିକ ସ୍କୁଲ ଠାରେ ଉଦ୍‌ଯାପିତ ହୋଇଯାଇଛି । ଇନୋହା ସିଟରିୟ କେଇସିନକାଇ କରାଟେ କଳାହାଣ୍ଡି ଶାଖାର ଇନୋହା ସିଟରିୟ କେଇସିନକାଇ କରାଟେ ଇଣ୍ଡିଆର ଜାତୀୟ ପ୍ରେସିଡେଣ୍ଟ ହାଶୀ ଏସଏସ ହରିଚନ୍ଦନଙ୍କ ଅନୁମତି କ୍ରମେ କଳାହାଣ୍ଡି ଜିଲ୍ଲାର ମୁଖ୍ୟ ପରୀକ୍ଷକ ସେନସି କେ ସି ସାହୁ ବ୍ଲାକ ବେଲ୍ଟ ଓ କଲର ବେଲ୍ଟ ପରୀକ୍ଷା ନେଇଥିଲେ । ଏହି ପରୀକ୍ଷାରେ ୨୫ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରେ ଅମିତାଭ ନାଏକ, ଆଇଶା ସିଂ, ରବିଶ ପ୍ରତାପ ସିଂ, ଇକଚ୍ଛା ସିଂ, ତ୍ରିଶା ସିଂ, ଆରାଧ୍ୟା କୁମାର, ଭାଗ୍ୟଶ୍ରୀ ଶତପଥି, ଗୌସିଭ ସିନ୍ଧୁର, ନାସିକ ତାଣ୍ଡି, ପ୍ରତୀକ କେତକୀ, ନିର୍ମାଲ୍ୟ ବାରିକ ପରୀକ୍ଷା ଦେଇଛନ୍ତି । ଅରେଞ୍ଜ ବେଲ୍ଟରେ ଭୁବନେ



ମାଝୀ, ଆରୟନ ଆୟୁଷ୍ମାନ ବେହେରା, ନିବେଦନ କୁମାର ସାହୁ, ଚୂଡ଼ାମଣି ତାଣ୍ଡି, ସୂରଜ ଗୌଡ଼, କିଷାନ ମାଝୀ, ଯତୀନ କୁମାର ବରାର୍ଡିଙ୍କୁ ମିଳିଛି । ସେହିଭଳି ଗ୍ରୀନ ବେଲ୍ଟ ବର୍ଗୀଶ ନାଏକ, ନମନ ମହାରଣା, ତୁଷାର ସାହା ପାଇଛନ୍ତି । ପରପଲ ବେଲ୍ଟ ଅବନ୍ତିକା ପ୍ରଧାନ ଓ ବ୍ରାଉନ ବେଲ୍ଟ ସୌହାର୍ଦ୍ଦ୍ୟ ବିହାରୀ ତଥା ବ୍ଲାକ ବେଲ୍ଟ ଆଦିତ୍ୟ ମେହେର ପାଇଛନ୍ତି ବୋଲି ସେଂସେଇ କୃଷ୍ଣଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି ।

# ଗାଈ ରଖିଥିଲେ ସାବଧାନ

**ସୋନପୁର, ୨୮।୫(ସମିସ):** ସୋନପୁରରେ ଆପଣ ଯଦି ଗାଈ ରଖିଛନ୍ତି ତେବେ ସାବଧାନ ହୋଇ ଯାଆନ୍ତୁ । କାରଣ ସୋନପୁରରେ ଏବେ ଗୋରୁ ଚାଲାଣ ରାକେଟ ଖୁବ୍ ସକ୍ରିୟ । ରାସ୍ତା କଡରେ ଚରୁଥିବା ଗାଈଗୋରୁଙ୍କୁ ଗୋଚାଲାଣକାରୀ ଟ୍ରକରେ ଭର୍ତ୍ତି କରି ନେଇ ଯାଉଛନ୍ତି । ଚରିବାକୁ ଯାଇଥିବା ଗାଈ ଆଉ ଘରକୁ ଫେରୁ ନାହିଁ । ଗାଈ ଖୋଜି ଖୋଜି ମାଲିକ ନୟାନ୍ତ ହୋଇ ଯାଉଛନ୍ତି । ମାସେ ମଧ୍ୟରେ ପ୍ରାୟ ୧୦ ଜଣଙ୍କ ଗାଈ ଚୋରି ହୋଇଛି । ଗତ ୪ ତାରିଖରେ ପାଣିସିଆଳିର ନିର୍ମଳ ମେର୍ଲିଙ୍କ ଗାଈ ଚୋରି ହୋଇ ଯାଇଥିଲା । ଗଲା ୨୪ ଦିନ ହେଲା ମାକୁ ନ ପାଇ ନୂଆ ଜନ୍ମ ହୋଇଥିବା ବାଛୁରୀଟି ବହୁ କଷ୍ଟ ପାଉଛି । କେତେ ଜଣ ଗାଈ ଚୋରି ନେଇ ଥାନାରେ ଅଭିଯୋଗ କରିଥିବା ମଧ୍ୟ ଜଣାପଡ଼ିଛି । ଏଭଳି ଗୋଚାଲାଣ ରାକେଟ ପାଇଁ ସହରରେ ଗୃହପାଳିତ ପଶୁ ସୁରକ୍ଷିତ ନୁହନ୍ତି । ଦିନ ଦ୍ୱିପହରରେ ଏଇଠୁ ଗାଈ ଚୋରି ହୋଇ ଯାଉଛି । ଦୁଇ ତିନି ଦିନ ତଳେ କିଛି ଦୁର୍ବୃତ୍ତ ଏକ ଗାଡିରେ ପ୍ରାୟ ୪/୫ଟି ଗାଈ ଲଦି ନେଇ ଯାଇଥିବା କିଛି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ସ୍ଥାନୀୟ ମାଳିପଡ଼ା ପଛପଟୁ ଗାଈ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଗୋଚାଲାଣ ରାକେଟର ଲିଙ୍କ୍ ବହୁତ ଲମ୍ବା ବୋଲି ସହରରେ ଚର୍ଚ୍ଚା ହେଉଛି ।

- ସହରରେ ମାତିଛନ୍ତି ଗୋଚାଲାଣ ରାକେଟ୍
- ଚରିବାକୁ ଯାଇଥିବା ଗାଈ ଆଉ ଘରକୁ ଫେରୁ ନାହିଁ
- ମାସକରେ ପ୍ରାୟ ୧୦ ଜଣଙ୍କ ଗାଈ ଚୋରି ହେଲାଣି
- ଗାଈ ଚୋରି ନେଇ ଥାନାରେ ଅନେକ ଅଭିଯୋଗ

## ପଞ୍ଚାୟତ କାର୍ଯ୍ୟାଳୟ ତାଲା ପକାଇଦେବାକୁ ଠିକାଦାରଙ୍କ ଧମକ

# ନୂଆ କୋଠା ନିର୍ମାଣ ବାବଦକୁ ୩ବର୍ଷ ହେଲା ୧୫ଲକ୍ଷ ଟଙ୍କା ମିଳୁନି

**ନୂଆପଡ଼ା/କୋମନା, ୨୮।୫(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଢୋର୍ଲାମୁଣ୍ଡା ପଞ୍ଚାୟତର ନୂତନ ଗୃହ ନିର୍ମାଣ ହୋଇ କାର୍ଯ୍ୟାଳୟ ଚାଲିବାର ଆଜିକୁ ୩ ବର୍ଷ ଗଡ଼ିଯିବ; ହେଲେ ନିର୍ମାଣ କରିଥିବା ସମ୍ପୃକ୍ତ ଠିକାଦାରଙ୍କୁ ଟଙ୍କା ମିଳିନାହିଁ । ଏଥିପାଇଁ ଠିକାଦାର ଜଣକ ଶେଷରେ ୭ ଦିନ ମଧ୍ୟରେ ନ ମିଳିଲେ କାର୍ଯ୍ୟାଳୟରେ ତାଲା ପକାଇବେ ବୋଲି ଚେତାବନୀ ଦେଇଛନ୍ତି । ଏ ନେଇ ସେ ଜିଲ୍ଲାପାଳଙ୍କ ସମେତ ବିଡିଓ, ପୁଲିସକୁ ଜଣାଇଛନ୍ତି ।



ନୂତନ ଭାବେ ସ୍ଥାପିତ ହୋଇଥିବା ଢୋର୍ଲାମୁଣ୍ଡା କାର୍ଯ୍ୟାଳୟ ନିର୍ମାଣ ସକାଶେ ଢୋର୍ଲାମୁଣ୍ଡା ଏବଂ ଛତା ମଧ୍ୟରେ ବିବାଦ ଲାଗି ରହିଥିଲା । ଶେଷରେ ପ୍ରଶାସନର ହସ୍ତକ୍ଷେପ ପରେ ଦୁଇ ଗାଁ ମଝିରେ ନିର୍ମାଣ ହୋଇଛି । ଏଥି ସକାଶେ କୋମନାର ମନୋରଞ୍ଜନ ପାଣିଗ୍ରାହୀ ନାମକ ଜଣେ ଠିକାଦାର ୨୦ଲକ୍ଷ ଏମଜିଏନଆରଇଜିଏସ ଏବଂ ୧୫ଲକ୍ଷ ସିଏଫସି ଅନୁଦାନରୁ ନିର୍ମାଣ କରିବାକୁ କାର୍ଯ୍ୟାଦେଶ ପାଇଥିଲେ । ନିର୍ମାଣ ଠିକ୍ ସମୟରେ ଶେଷ ହେଲା । ୨୦୨୧ରେ କାର୍ଯ୍ୟାଳୟ ଗୃହ ହସ୍ତାନ୍ତର ହୋଇ କାର୍ଯ୍ୟାଳୟ ମଧ୍ୟ ଚାଲିଛି । ଏଥିରୁ ସେତେବେଳେ ଏମଜିଏନଆରଇଜିଏସରୁ ୨୦ଲକ୍ଷ ଟଙ୍କା ମିଳିଲା; ହେଲେ ବାକି ୧୫ଲକ୍ଷ ଏବେ ବି ମିଳି ନ ଥିବା ଠିକାଦାର କହିଛନ୍ତି । ଏ ନେଇ ସେ ବାରମ୍ବାର ତତ୍‌କାଳୀନ ବିଡିଓ ଏବଂ ଜିଲ୍ଲାପାଳଙ୍କୁ ଜଣାଇଥିଲେ । ତଥାପି ମିଳି ନ ଥିଲା । ଏବେ ପୁଣିଥରେ ଜିଲ୍ଲାପାଳଙ୍କୁ ଜଣାଇବା ପରେ ବିଡିଓଙ୍କୁ ଏବି ଷୟରେ ସବିଶେଷ ରିପୋର୍ଟ ନେଇ କାର୍ଯ୍ୟାନୁଷ୍ଠାନ କରିବାକୁ କୁହାଯାଇଛି । ତଥାପି ବିଳମ୍ବ କରାଯାଉଥିବାରୁ ଧାର କରଜ କରି କାମ କରିଥିବା ଠିକାଦାର ଜଣକ ଋଣ ବୋଝରେ ପଡ଼ିଥିବା କହିଛନ୍ତି । ୭ ଦିନ ମଧ୍ୟରେ ବ୍ୟବସ୍ଥା କରା ନ ଗଲେ କାର୍ଯ୍ୟାଳୟରେ ତାଲା ପକାଇ ପରିବାର ଯାକ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ଏହାକୁ ନେଇ ବିଡିଓ ହିତାଂଶୁ ଶେଖର ସାମଲଙ୍କୁ ପଚାରିବାରୁ ଏହା ଏକ ପୁରୁଣା ମାମଲା । ସେ ଜିଲ୍ଲାପାଳଙ୍କୁ ରିପୋର୍ଟ ପଠାଇବେ । ପ୍ରକ୍ରିୟା ଚାଲିଛି । ନିଶ୍ଚିତ ଭାବେ ଖୁବ୍ ଶୀଘ୍ର ଟଙ୍କା ଦେବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।

# ସଂଘର୍ଷ ଓ ସଫଳତାର ମାଇଲଖୁଣ୍ଟ ଶ୍ରୀଏଜୁକେଶନ

## ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷାରେ ଜିଲ୍ଲାରେ ଦ୍ୱିତୀୟ ସୁନୀଲଙ୍କୁ ସମ୍ବର୍ଦ୍ଧନା

**ମ.ରାମପୁର, ୨୮।୫(ସମିସ)**

ଦିଲ୍ଲୀ ନୁହେଁ ବରଂ ପଲ୍ଲୀ ହିଁ ହୋଇପାରେ ଶିକ୍ଷାର ପ୍ରକୃତ ପ୍ରୟୋଗଶାଳା । ଯାହାକୁ ସତ ପ୍ରମାଣିତ କରି ସାରିଛି କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକର ତୁଜୁଙ୍ଗ ଗ୍ରାମରେ ଥିବା ଶିକ୍ଷା ଅନୁଷ୍ଠାନ ଶ୍ରୀ ଏଜୁକେଶନ । ପ୍ରତି ଶିକ୍ଷା ବର୍ଷରେ ଏକ ଉଦାହରଣ ସୃଷ୍ଟି କରି କ୍ରମଶଃ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ଆକର୍ଷଣରେ କେନ୍ଦ୍ରବିନ୍ଦୁ ପାଲଟିଛି । କଳାହାଣ୍ଡି ଜିଲ୍ଲାରେ ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି ଶ୍ରୀ ଏଜୁକେଶନର ଛାତ୍ର ସୁନୀଲ କୁମାର ସାହୁ । ସେ ଏହି ପରୀକ୍ଷାରେ ୫୪୪(୯୧ ପ୍ରତିଶତ) ମାର୍କ ରଖି ଜିଲ୍ଲାରେ ଦ୍ୱିତୀୟ ହେବାର ଗୌରବ ଆଣିଛନ୍ତି । ଏହି ସଫଳତା ପାଇଁ ମଙ୍ଗଳବାର ତାଙ୍କୁ ଅନୁଷ୍ଠାନ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରା ଯିବା ସହିତ ଏହି ଅବସରରେ ସୁନୀଲ ନିଜର ସଂଘର୍ଷ ଓ ସଫଳତାର କାହାଣୀ ପ୍ରକାଶ କରିଛନ୍ତି । ସୁନୀଲଙ୍କ ଘର କେସିଙ୍ଗା ବ୍ଲକ ହାତୀଖୋଜ ପଞ୍ଚାୟତର ଏକ ଛୋଟିଆ ଗାଆଁ କୁଲେର ଗୁମ୍ଫା । ସ୍ୱର୍ଗତ ଦେବେନ୍ଦ୍ର ସାହୁ ଓ ଟିକେମଣି ସାହୁଙ୍କ ପୁଅ ସୁନୀଲ ମ, ରାମପୁର ବ୍ଲକ ତୁଜୁଙ୍ଗଠାରେ ଥିବା ଶ୍ରୀ ଏଯୁ କେଶନ୍ ରେ ରହି ଯୁକ୍ତଦୁଇ ବିଜ୍ଞାନରେ ଅଧ୍ୟୟନ କରୁଥିଲେ । ସେ ମାଟ୍ରିକରେ ନାମ ଲେଖାଇବା ପରେ ପରେ ତାଙ୍କ ବାପାଙ୍କର କୋଭିଡ ମହାମାରୀରେ ପରଲୋକ ହୋଇଗଲା । ସୁନୀଲଙ୍କୁ ଗଭୀର ମାନସିକ ଆଘାତ ଲାଗିଥିଲା । ଘରେ ପରିବାର କହିଲେ ମା' ଓ ଜେଜେମାଙ୍କ ସହିତ ସାନ ଭଉଣୀ । ମାଆ କିନ୍ତୁ ଛାତିକୁ ଦମ୍ଭ କରି ସୁନୀଲକୁ ପଢ଼ାରେ ମନ ଦେବାକୁ ବାରମ୍ବାର ପରାମର୍ଶ ଦେଉଥାନ୍ତି । ସେଭଳି ଅବସ୍ଥାରେ ବାପାଙ୍କ ପରେ ଘରେ ଆର୍ଥିକ ଅଭାବ ମଧ୍ୟ ଦେଖାଦେଲା । ତଥାପି ସେ ମାଟ୍ରିକ ରେ ୬୨ ପ୍ରତିଶତ ନମ୍ବର ରଖି ପାଶ କଲେ । କିନ୍ତୁ ଯୁକ୍ତଦୁଇରେ ବିଜ୍ଞାନ ପଢ଼ିବାକୁ ଆଗ୍ରହୀ ଥିବା ସୁନୀଲଙ୍କୁ ଭଲ କଲେଜରେ ନାମ ଲେଖାଇବା ପାଇଁ ଚାହିଁଥିଲେ ମଧ୍ୟ କମ ନମ୍ବର ଥିବାରୁ ନାମ ଲେଖାଇ ପାରି ନ ଥିଲେ । ଜଣେ ନିକଟ ସମ୍ପର୍କୀୟ ବଡ ଭାଇଙ୍କ ପରାମର୍ଶ କ୍ରମେ ସେ ଶ୍ରୀଏଜୁକେଶନରେ ନାମ ଲେଖାଇବା ସହ ଅଧ୍ୟୟନ କରିଥିଲେ । ନିଜର ନିଷ୍ଠା, ଏକାଗ୍ରତାକୁ ଭିତ୍ତି କରି ଅଧ୍ୟାପକ, ଅଧ୍ୟାପିକାଙ୍କ ଉଚିତ୍ ମାର୍ଗଦର୍ଶନରେ ଦୁଇ ବର୍ଷ କଠୋର ପରିଶ୍ରମ କରି ସୁନୀଲ ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ହାସଲ କରିବାରେ ସଫଳ ହୋଇଛନ୍ତି । ପ୍ରଥମ ସ୍ଥାନରେ



ଥିବା ଛାତ୍ର ଜଣଙ୍କ ସୁନୀଲଙ୍କ ଠାରୁ ମାତ୍ର ଦୁଇ ନମ୍ବର ଅଧିକ ରଖିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ମାଟ୍ରିକରେ ମାତ୍ର ୬୨ ପ୍ରତିଶତ ନମ୍ବର ରଖିଥିବା ଛାତ୍ରଙ୍କୁ ଯୁକ୍ତଦୁଇରେ ୯୧ ପ୍ରତିଶତରେ ପହଞ୍ଚାଇବାର ମାଧ୍ୟମ ପାଲଟିଛି ଶ୍ରୀଏଜୁକେଶନ । ମୁଖ୍ୟ ପରିଚାଳକ ସରୋଜ ପତି ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଗତ ଦୁଇ ବର୍ଷ ତଳେ ଆମ ଅନୁଷ୍ଠାନର ଜଣେ ଛାତ୍ରୀ ମାଟ୍ରିକରେ ୯୮ ପ୍ରତିଶତ ରଖି କୃତକାର୍ଯ୍ୟ ହେବା ଏବଂ ଚଳିତ ବର୍ଷ ଯୁକ୍ତଦୁଇ ବିଜ୍ଞାନରେ ୯୧ ପ୍ରତିଶତ ରଖି ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ହାସଲ କରିବାରେ ସେମାନଙ୍କ ଅଧ୍ୟବସାୟ ହିଁ ମୁଖ୍ୟ । ଅନୁଷ୍ଠାନରେ ଶିକ୍ଷାଦାନକୁ ନେଇ ଯୋଜନା କରିବା ଓ ଉପଯୁକ୍ତ ଭାବରେ ତାହାର ତଦାରଖ କରିବା ସହ ଛାତ୍ରଛାତ୍ରୀଙ୍କ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ଅନୁଷ୍ଠାନର ପ୍ରଥମ ଓ ପ୍ରଧାନ କାର୍ଯ୍ୟ ବୋଲି ଶ୍ରୀ ପତି କହିଛନ୍ତି । ସେ ଆହୁରି କହିଛନ୍ତି ଯେ ଶିକ୍ଷା ପାଇଁ ଅଭିଭାବକ ଦିଲ୍ଲୀ ନୁହେଁ ପଲ୍ଲୀକୁ ଆସନ୍ତୁ । ସେହି ଛାତ୍ରଛାତ୍ରୀଙ୍କୁ ଆମେ ସଫଳ କରେଇବୁ ବୋଲି ଆମ ଅନୁଷ୍ଠାନ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଉଛି । ଚଳିତ ବର୍ଷ ଏହି ଅନୁଷ୍ଠାନର ୧୧୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୬ ଜଣ ପ୍ରଥମ ଶ୍ରେଣୀ ଓ ୧୪ ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ପୂର୍ବ ବର୍ଷମାନଙ୍କ ଭଳି ଚଳିତ ବର୍ଷ ମଧ୍ୟେ ଶହେ ପ୍ରତିଶତ ପରୀକ୍ଷା ଫଳ ଶ୍ରୀଏଜୁକେଶନ ଶିକ୍ଷା ବ୍ୟବସ୍ଥାରେ ଆଉ ଏକ ସଫଳ ଦିଗ ବୋଲି ଅଧ୍ୟକ୍ଷ ଶିବାଶିଷ ଦାସ କହିଛନ୍ତି ।

